# ଶାନ୍ତିର ବାର୍ତ୍ତା

## ପୈଗାମେ ସୁଲ୍ହା




ଲେଖକ

ହଜରତ ମିର୍ଜା ଗୁଲାମ ଅହମଦ[ଅସ]

ପ୍ରତିଶ୍ରୁତ ମସିହ ଓ ମେହଦୀ

# ଶାନ୍ତିର ବାର୍ତ୍ତା

## 'ପୈଗାମେ ସୁଲ୍‌ହା'

ଲେଖକ
**ହଜରତ ମିର୍ଜା ଗୁଲାମ ଅହମଦ** ଅସ
ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

# ଶାନ୍ତିର ବାର୍ତ୍ତା

## ମୂଳ ଉର୍ଦ୍ଦୁ : 'ପୈଗାମେ ସୁଲ୍‌ହା'

**(A Message of Peace)**

ଲେଖକ

**ହଜରତ ମିର୍ଜା ଗୁଲାମ ଅହମଦ**[ଅସ]

ପ୍ରତିଶ୍ରୁତ ମସିହ ଓ ମେହଦୀ

ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଅନୁବାଦକ

**ଇଂ. ରୌଶନ୍ ଖାନ୍,** କେରଙ୍ଗ, ଓଡିଶା

ପ୍ରକାଶକ :

**ନଜାରତ ନଶରୋ ଇଶାଅତ୍**

**ସଦର ଅଞ୍ଜୁମନ ଅହମଦିୟା, କାଦିୟାନ ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ**

ମୁଦ୍ରକ:

**ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ**

**ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ - ୧୪୩୫୧୬**

ପ୍ରକାଶନ ବର୍ଷ : 2018, ପ୍ରଥମ ଓଡିଆ ସଂସ୍କରଣ

ମୁଦ୍ରଣ ସଂଖ୍ୟା :1000

*No part of this publication may be reproduced or transmitted in any form or by any means, electronic or mechanical, including photocopy, recording or any information storage and retrieval system, without prior written permission from the Publisher.*

For further information please visit:
www.alislam.org
www.ahmadiyyamuslimjamaat.in
***Noor-ul-Islam*** Toll Free No. 1800-30-10-2131

ISBN

# ପ୍ରକାଶକଙ୍କ ମନ୍ତବ୍ୟ

'ପୈଗାମେ ସୁଲ୍‌ହା' ନାମକ ଉର୍ଦ୍ଦୁ ଭାଷାରେ ଲିଖିତ ଏହି ପୁସ୍ତକ ପ୍ରତିଶ୍ରୁତ ମସିହ ହଜରତ ମିର୍ଜା ଗୁଲାମ ଅହମଦ (୧୮୩୫-୧୯୦୮)ଙ୍କର ମାନବଜାତି ପାଇଁ ଅନ୍ତିମ ବାର୍ତ୍ତା ବହନ କରେ । ତାଙ୍କର ଏହି ଯୁଗାନ୍ତକାରୀ ଆଲେଖ୍ୟରେ ମହାମାନ୍ୟ ହଜୁର ଭାରତ ଉପମହାଦେଶର ଦୁଇଟି ମୁଖ୍ୟ ଜାତି ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ପ୍ରେମ ଓ ମୈତ୍ରୀଭାବ ପୋଷଣ କରିବା ପାଇଁ ଅତ୍ୟନ୍ତ ଦରଦଭରା ଆବେଗର ସହିତ ନିବେଦନ କରିଛନ୍ତି ଓ ସେମାନଙ୍କ ପାଇଁ ଏହାକୁ ଏକ ଆଚାର ସଂହିତା ରୂପେ ଉପସ୍ଥାପନ କରିଛନ୍ତି । ଏହି ପୁସ୍ତକରେ ପୁଣ୍ୟଶ୍ଳୋକ ଦୁଇ ସମ୍ପ୍ରଦାୟ ମଧ୍ୟରେ ପାରସ୍ପରିକ ଘୃଣା ଓ ବିଦ୍ୱେଷ ଯୋଗୁଁ ସୃଷ୍ଟି ହୋଇଥିବା ଅଶାନ୍ତ ବାତାବରଣର ଅସଲ କାରଣ ଧର୍ମଗତ ମତଭେଦ ହୋଇଥିବାର ଦର୍ଶାଇଛନ୍ତି । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସମସ୍ତ ଧର୍ମର ପ୍ରଣେତା, ଆଧ୍ୟାତ୍ମିକ ପ୍ରବାଦ ପୁରୁଷ ତଥା ସାଧୁ ସନ୍ଥମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବା ଉଚିତ । ଅନ୍ୟର ଧାର୍ମିକ ଭାବନାକୁ ଯଥୋଚିତ ସମ୍ମାନ ଦେବା ଓ ତାଙ୍କ ପ୍ରତିଷ୍ଠାକୁ ବଜାୟ ରଖିବା ଆବଶ୍ୟକ । ଏହି ପୁସ୍ତିକାର ସାରତତ୍ୱ ଧର୍ମୀୟ ଏକତା ଓ ସାମ୍ପ୍ରଦାୟୀକ ସଦଭାବନାର ଉତ୍କୃଷ୍ଟ ଶିକ୍ଷା ଉପରେ ଆଧାରିତ । ହଜରତ ଅହମଦ୍‌ଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା ମାନବୀୟ ମୂଲ୍ୟବୋଧର ଶିକ୍ଷା ଭିତରୁ ହିଁ ସାମ୍ପ୍ରଦାୟୀକ ତିକ୍ତତା ଓ ଶତ୍ରୁତାକୁ ଦୂରୀଭୁତ କରିବାର ଏକମାତ୍ର ସମାଧାନ ସୂତ୍ର ବାହାରିଥାଏ । ଏହାକୁ ବାଦ ଦେଇ ଅନ୍ୟ ଯେତେ ଯାହା ଯୋଜନା ଓ ନୀତି ପ୍ରସ୍ତୁତ କରାଗଲେ ସୁଦ୍ଧା ସେସବୁ କେବଳ ନିରର୍ଥକ ଓ ସଂପୂର୍ଣ୍ଣ ବିଫଳ ସାବ୍ୟସ୍ତ ହୋଇଥାଏ ।

ତେବେ ହଜରତ ଅହମଦଙ୍କର ଦେହାବସାନର ମାତ୍ର ଗୋଟିଏ ଦିନ ପୂର୍ବରୁ ୧୯୦୮ ମସିହା ମଇ ୨୫ ତାରିଖ ଦିନ ତାଙ୍କର ଏହି ଅନ୍ତିମ ରଚନା ଲାହୋର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ବିଶାଳ ଜନ ସମାବେଶରେ ୨୧ ଜୁନ ୧୯୦୮ ମସିହାରେ ପାଠ କରି ଶୁଣାଇ ଦିଆଯାଇଥିଲା । ଲାହୋରବାସୀ ପ୍ରାଥମିକ ଶ୍ରୋତା ରୂପେ ଏହି ଉଦ୍‌ବୋଧନକୁ ଶୁଣିଥିଲେ ସତ, କିନ୍ତୁ ଭାରତ ଉପମହାଦେଶର ଜନସାଧାରଣଙ୍କ ମାର୍ଗଦର୍ଶନ ସକାଶେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ସୁତରାଂ ଏହି ପୁସ୍ତକରେ ଲିଖିତ ବାର୍ତ୍ତାକୁ ବର୍ଣ୍ଣନା କରି 'ଫ୍ରଣ୍ଟିଅର୍ ମେଲ୍' ସମ୍ବାଦପତ୍ର, ଡେରାଡୁନର ମୁଖ୍ୟ ଶ୍ରୀ ବ୍ରହ୍ମଦତ୍ତ ୨୧ ଡିସେମ୍ବର ୧୯୪୮ ମସିହା ସଂସ୍କରଣରେ ଏହିପରି ଲେଖିଥିଲେ:

'ଚାଳିଶ ବର୍ଷ ପୂର୍ବେ ଯେବେ ମହାତ୍ମା ଗାନ୍ଧୀ ରାଜନୀତିର ଆକାଶରେ ଏକ ଉଦୀୟମାନ ତାରକା ରୂପେ ଉଭା ହୋଇ ନଥିଲେ, ସେତେବେଳେ ମିର୍ଜା ଗୁଲାମ ଅହମଦ୍ ସାହେବ ୧୮୯୧ ମସିହାରେ ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରି ନିଜର ମୂଲ୍ୟବାନ ପରାମର୍ଶ 'ପୈଗାମେ ସୁଲହା' (ଶାନ୍ତିର ବାର୍ତ୍ତା) ପୁସ୍ତକରେ ଉପସ୍ଥାପନ କଲେ । ଏହି ମୈତ୍ରୀର ସନ୍ଦେଶକୁ ଅନୁସରଣ କଲେ ଦେଶର ବିଭିନ୍ନ ଜାତି ଓ ସଂପ୍ରଦାୟ ମଧ୍ୟରେ ଏକତା ଓ ସୌହାର୍ଦ୍ଦ୍ୟର ଭାବନା ଜାଗ୍ରତ ହେବ । ତାଙ୍କର ଏହା ପ୍ରବଳ ଇଚ୍ଛା ଥିଲା ଯେ ଜନ ସାଧାରଣଙ୍କ ମଧ୍ୟରେ ପ୍ରେମ, ଶାନ୍ତି ଓ ଭ୍ରାତୃଭାବ ଉତ୍ପନ୍ନ ହେଉ । ତାଙ୍କ ଦୃଶ୍ୟପଟରେ ଦେଶର ଭବିଷ୍ୟତ ଅନ୍ଧକାର ଦେଖା ଯାଉଥିଲା । ତେଣୁ ସତ୍ୟ ଓ ନ୍ୟାୟର ପ୍ରକୃତ ମାର୍ଗରେ ପରିଚାଳିତ ହେବା ପାଇଁ ସେ ଏହି ଦିଗଦର୍ଶନ ଦେଇଥିଲେ । ଯଦି ଦେଶବାସୀ ନିଜର ନିହିତ ସ୍ୱାର୍ଥ ଓ ଅନୁଚିତ ନେତୃତ୍ୱ ଯୋଗୁଁ ଏହି ସରଳ ପଥକୁ ଦେଖିପାରୁ ନାହାନ୍ତି, ତା'ହେଲେ ଏହା ସେମାନଙ୍କ ନିଜ ଦୋଷ ହୋଇ ପାରେ । ଯେଉଁମାନେ ଘୃଣା ଓ ଶତ୍ରୁତାର ବୀଜ ରୋପଣ କରିଛନ୍ତି, ଏହାର ଫସଲ ସେଇମାନେ ହିଁ କାଟିବେ ଓ ପରିଣାମ ଅବଶ୍ୟ ଭୋଗ କରିବେ ।'

ସୁତରାଂ ଆଲେଖ୍ୟର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ଭାରତ ତଥା ସାରା ବିଶ୍ୱରେ ଏହାର ଅନେକ ସଂସ୍କରଣ ପ୍ରକାଶିତ ହୋଇ ସାରିଲାଣି । ବର୍ତ୍ତମାନ ଏହାର ଓଡିଆ ସଂସ୍କରଣ ଅହମଦିୟା ମୁସଲିମ ଜମାଅତର ମହାମାନ୍ୟ ପଞ୍ଚମ ଖଲିଫାଙ୍କ ଅନୁମତି କ୍ରମେ ନଜାରତ ନଶ୍ରୋ ଇଶାଅତ୍ (କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ବିଭାଗ), କାଦିୟାନଙ୍କ ଦ୍ୱାରା ପ୍ରକାଶିତ କରାଯାଉଛି । ଅଲ୍ଲାଃ ପରମବ୍ରହ୍ମ ଏହି ପ୍ରକାଶନକୁ ପ୍ରତ୍ୟେକ ଦିଗରୁ କଲ୍ୟାଣ ଦାୟକ କରନ୍ତୁ । ଏହି 'ଶାନ୍ତିର ବାର୍ତ୍ତା' ଜାତି ଓ ଧର୍ମ ମଧ୍ୟରେ ଉପୁଜୁଥିବା ବିବାଦ, ହିଂସାତ୍ମକ କାର୍ଯ୍ୟକଳାପ ଓ ଘୃଣା ମନୋଭାବକୁ ଲୋପ କରି ସେମାନଙ୍କ ହୃଦୟରେ ପ୍ରେମ, ଭାଇଚାରା ଓ ଏକତାବଦ୍ଧ ହେବାର ଦୃଢ ଭିତ୍ତି ସ୍ଥାପନ କରିବାରେ ସହାୟକ ସିଦ୍ଧ ହେଉ । ଆମର ବିଦଗ୍ଧ ପାଠକ/ପାଠିକାମାନେ ଏହି ବାର୍ତ୍ତାକୁ ନିଜେ ବୁଝିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ସକାଶେ ଈଶ୍ୱର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଅପଣଙ୍କ ଗୁଣମୁଗ୍ଧ

**ହାଫିଜ ମଖଦୁମ୍ ଶରିଫ**

ନାଜର୍ ନଶ୍ର ଓ ଇଶାଅତ, କାଦିୟାନ

# ଲେଖକଙ୍କ ସମ୍ବନ୍ଧରେ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାଅତ ୧୮୮୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହାର ସଂସ୍ଥାପକ  ହଜରତ ମିର୍ଜା ଗୁଲାମ ଅହମଦ (ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ) ଭାରତବର୍ଷର କାଦିୟାନ (ପଞ୍ଜାବ)ଠାରେ ଜନ୍ମଗ୍ରହଣ କରିଥିଲେ । ସେ ଦୈବି ଆଜ୍ଞା ପ୍ରାପ୍ତ କରି ଚଳିତ ସମୟର ପ୍ରତିଶ୍ରୁତ ଅବତାର (ମସିହ ମଉଦ) ତଥା ଯୁଗ ସଂସ୍କାରକ (ଇମାମ ମେହଦୀ) ରୂପେ ଦାବି ଘୋଷଣା କଲେ । ବିଭିନ୍ନ ଧର୍ମର ଅନୁରକ୍ତ ମହାବିଦୁଷୀ ତଥା ଧର୍ମ ପ୍ରବର୍ତ୍ତକଙ୍କ ଦ୍ୱାରା ଭିନ୍ନ ଭିନ୍ନ ନାମ ଓ ପଦବୀରେ ଆଖ୍ୟାୟିତ କରାଯାଇ ସେହି ବହୁ ପ୍ରତୀକ୍ଷିତ ଯୁଗାବତାରଙ୍କ ଆଗମନ ସମ୍ବନ୍ଧରେ ଶାସ୍ତ୍ରମାନଙ୍କରେ ଭବିଷ୍ୟତ ବାଣୀର ଉଲ୍ଲେଖ ରହିଥିଲା । ସୁତରାଂ ପୁଣ୍ୟଶ୍ଳୋକ ହଜରତ ଅହମଦ[ଅସ] ଐଶୀ ଆଦେଶରେ ଅନୁଗ୍ରହୀତ ହୋଇ ବିଶ୍ୱବାସୀଙ୍କୁ ଏହା ଅବଗତ କରାଇଲେ ଯେ ଈଶ୍ୱର ମୋତେ ଦୈବିବାଣୀ ଦ୍ୱାରା ଜଣାଇଛନ୍ତି ଯେ କେବଳ ଜଣେ ମାତ୍ର ଅଙ୍ଗୀକୃତ ସୁଧାରକଙ୍କ ପୃଥିବୀରେ ଆବିର୍ଭାବ ଘଟିବ ଓ ତାଙ୍କ ଆଧ୍ୟାତ୍ମିକ ନେତୃତ୍ୱରେ ସମଗ୍ର ମାନବଜାତି ଏକକ ବିଶ୍ୱଧର୍ମର ପରିସରଭୁକ୍ତ ହେବ । ସେହି ପ୍ରତିଶ୍ରୁତ ଅବତାର ଇସଲାମ ଧର୍ମର ପ୍ରାଣ ପ୍ରତିଷ୍ଠାତା ହଜରତ ମୁହମ୍ମଦ (ତାହାଙ୍କ ପ୍ରତି ଅଲ୍ଲାଃଙ୍କ ଶାନ୍ତି ଓ କରୁଣା ହେଉ)ଙ୍କ ସହାୟକ ତଥା ଅଧସ୍ତନ ନବୀ ରୂପେ ଆସି ଆଧୁନିକ ମାନବ ସଭ୍ୟତାର କର୍ଣ୍ଣଧାର ହେବେ । ବସ୍ତୁବାଦ ମୋହରେ ପଡିଥିବା ସ୍ୱାର୍ଥାନ୍ଧ ମନୁଷ୍ୟଙ୍କୁ ସେ ମାନବୀୟ ଚେତନା, ନିରାସକ୍ତ କର୍ମ ଭାବନା, ଧର୍ମ ଧାରଣାରେ ନବୀକରଣ ଓ ବାସ୍ତବ ଈଶ୍ୱରଙ୍କ ପ୍ରତି ସଂପର୍କ ଯୋଡିବା ସକାଶେ ପୃଥିବୀକୁ ନୂତନ ଦିଗଦର୍ଶନ ଦେବେ । ତେବେ ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ମୁସଲିମ ସଂପ୍ରଦାୟ ମଧ୍ୟରୁ ହିଁ ଯୀଶୁ ମସିହଙ୍କ ଦ୍ୱିତୀୟ ଆଗମନ ହେବ । ସେହି ଯୁଗପୁରୁଷ ମୁସଲମାନମାନଙ୍କ ପାଇଁ ଇମାମ ମେହେଦି, ହିନ୍ଦୁମାନଙ୍କ ପାଇଁ ଶ୍ରୀକୃଷ୍ଣ, ବୌଦ୍ଧଧର୍ମୀଙ୍କ ପାଇଁ ମୈତ୍ରେୟ ବୁଦ୍ଧ ଓ ଶିଖମାନଙ୍କ ପାଇଁ ନହକଲଙ୍କ୍ ଅବତାର ରୂପେ ଆବିର୍ଭୂତ ହୋଇ ବିଶ୍ୱ ସୁଧାରକର ରୂପ ଧାରଣ କରିବାର ଯେଉଁ ମହତ୍ତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା, ତାହା ତାଙ୍କରି ମହାନ ବ୍ୟକ୍ତିତ୍ୱରେ ହିଁ ପୂରଣ ହୋଇଛି । ହଜରତ ମିର୍ଜା ଗୁଲାମ ଅହମଦ (୧୮୩୫-୧୯୦୮) ତାଙ୍କର ଏହି ଦାବିର ସତ୍ୟତାକୁ ବିଭିନ୍ନ ଆକାଶୀୟ ନିଦର୍ଶନ ଓ ଅଲୌକିକ ମହିମା ଦ୍ୱାରା ପ୍ରତିପାଦନ କରିଛନ୍ତି ।

# ମର୍ଯ୍ୟାଦାସୂଚକ ଉକ୍ତି

ସଅ – (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ – (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ – (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ – (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ – (ଅୟଦହୁଲ୍ଲାହୁ ତା' ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

Image of
Title Page of the First Edition
(*Written & Printed in 1908*)

# پیغامِ صلح

رقم فرمودہ

حضرت اقدس میرزا غلام احمد مسیح موعود علیہ السلام

بسم الله الرحمن الرحيم *

نحمده ونصلي على رسوله الكريم **

ହେ ସର୍ବ ଶକ୍ତିମାନ ଐଶ୍ୱର୍ଯ୍ୟମୟ ଈଶ୍ୱର, ହେ ମୋର ପ୍ରିୟ ପଥପ୍ରଦର୍ଶକ ପ୍ରଭୁ ! ଆମକୁ ସେହି ପଥ ଦେଖାଅ, ଯେଉଁ ପଥ ତୁମ୍ଭର ସତ୍ୟନିଷ୍ଠ ଭକ୍ତଗଣ ଲଭିଛନ୍ତି । ଆମକୁ ସେହି ପଥରେ ଚାଲିବାରୁ ବଞ୍ଚିତ କରାଅ, ଯାହା କେବଳ ଆମ ମନକୁ ପାର୍ଥିବ ଲାଳସା, ଅନିଷ୍ଟକାରୀ ଚିନ୍ତାଧାରା, ଅନ୍ୟ ପ୍ରତି ବିଦ୍ୱେଷ ଭାବ ତଥା ବସ୍ତୁବାଦୀ ଦୁନିଆର ମୋହମାୟା ଆଡ଼କୁ ଟାଣିନିଏ ।

ମଙ୍ଗଳମୟ ପ୍ରଭୁଙ୍କ ଛାମୁରେ ଏତିକି ମାଗୁଣି କରିବା ପରେ ପ୍ରିୟ ଶ୍ରୋତାବନ୍ଧୁ ! ମୁଁ ବର୍ତ୍ତମାନ ଏହି ବିଷୟ ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି ଯେ ଆମମାନଙ୍କ ମଧ୍ୟରେ ଯେତେ ଯାହା ମତଭେଦ ରହିଥିଲେ ସୁଦ୍ଧା କି ହିନ୍ଦୁ କି ମୁସଲମାନ ଆମେ ସମସ୍ତେ ସାର୍ବଜନୀନ ଭାବରେ ସେହି ପରମେଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବାରେ ସହଭାଗୀ ହୋଇଛୁ, ଯିଏ କି ସକଳ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଓ ବିଶ୍ୱବିଧାତା । ଏହିପରି ଭାବରେ ଆମେ ସବୁ ଈଶ୍ୱରଙ୍କ ଅନବଦ୍ୟ ସୃଷ୍ଟିରେ ସମଜାତୀୟ ବୈଶିଷ୍ଟ୍ୟ ବହନ କରିଛୁ ଓ ସେଥିପାଇଁ ମନୁଷ୍ୟ ପଦବାଚ୍ୟ ହୋଇଛୁ । ସେହିପରି ଆମେ ଗୋଟିଏ ଦେଶର ବାସିନ୍ଦା ହୋଇଥିବାରୁ ଜଣେ ଅନ୍ୟର ପଡ଼ୋଶୀ ବୋଲାଉଛୁ । ସେଥିପାଇଁ ଏହା ଆମର କର୍ତ୍ତବ୍ୟ ହେବା ଉଚିତ ଯେ ନିର୍ମଳ ହୃଦୟ ଓ ସ୍ୱଚ୍ଛ ମନୋବୃତ୍ତି ସହିତ ଆମେ ପରସ୍ପର ମଧ୍ୟରେ ଅନ୍ତରଙ୍ଗ ବନ୍ଧୁ ହୋଇଯିବା । ଆପଣମାନେ ଧର୍ମ ପାଳନରେ ସଂକଟ ଜନକ ପରିସ୍ଥିତରେ ଓ ସାଂସାରିକ କ୍ଷେତ୍ରରେ କୌଣସି ଅସୁବିଧାରେ ପଡ଼ିଥିବା ସମୟରେ ପରସ୍ପରକୁ ସାହାଯ୍ୟ ଓ ସହାନୁଭୂତି ପ୍ରଦର୍ଶନ କରିବା ଏକାନ୍ତ ଆବଶ୍ୟକ । ଆପଣମାନଙ୍କର ସେହି ସହାନୁଭୂତି ଏପରି ଉଚ୍ଚକୋଟୀର ହେଉ, ସତେ ଯେପରି ଜଣାଯିବ ଯେ ଆମେ ସମସ୍ତେ ଗୋଟିଏ ଶରୀରର ଅଭିନ୍ନ ଅଙ୍ଗ ହୋଇଯାଇଛୁ ।

---

* ଅନନ୍ତ ଦୟାସାଗର ଓ ସଦା କରୁଣାମୟ ଅଲ୍ଲାହଙ୍କ ନାମ ନେଇ ଆରମ୍ଭ କରୁଛି ।

** ଆମେମାନେ ତାହାଙ୍କ ପ୍ରଶଂସା ଗାନ କରୁଛୁ ଓ ତାହାଙ୍କ ପ୍ରେରିତ ଉଚ୍ଚ ପ୍ରତିଷ୍ଠାବାନ ଅବତାର ହଜରତ ମୁହମ୍ମଦ[ସଅ] ଙ୍କ ପ୍ରତି କୃପାଶୀଷ ପ୍ରେରଣ କରୁଛୁ ।

**ହେ ମୋର ପ୍ରିୟ ଦେଶବାସୀ !** ସେହି ଧର୍ମ, ଧର୍ମ ପଦବାଚ୍ୟ ନୁହେଁ ଯେଉଁ ଧର୍ମ ସାଧାରଣ ଭାବେ ସହାନୁଭୂତି ସମ୍ବନ୍ଧରେ ଦୃଢ ଧାରଣା ସୃଷ୍ଟି ନକରିଛି । ସେହିପରି ଯେଉଁ ବ୍ୟକ୍ତିର ମନରେ ସହାନୁଭୂତି ପ୍ରକଟ ନହୋଇଛି, ସିଏ କଦାପି ମନୁଷ୍ୟ ବୋଲାଇବ ନାହିଁ । ଆମ ଈଶ୍ୱର କାହାରି ମଧ୍ୟରେ କୌଣସି ପ୍ରଭେଦ ରଖି ନାହାନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ ସମସ୍ତ ପ୍ରକାର ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟ ଯାହା ଆର୍ଯ୍ୟମାନଙ୍କୁ ପ୍ରଦାନ କରାଯାଇଛି, ତାହା ଆରବ, ପାରସ୍ୟ, ସିରିୟା, ଚୀନ, ଜାପାନ, ୟୁରୋପ ଓ ଆମେରିକାରେ ବସବାସ କରିଥିବା ସମସ୍ତ ଜାତିକୁ ମଧ୍ୟ ଅର୍ପଣ କରାଯାଇଛି । ଧରଣୀ ବକ୍ଷକୁ ଈଶ୍ୱର ସମସ୍ତ ମାନବଜାତି ପାଇଁ ବିଛଣା ସଦୃଶ ସୃଷ୍ଟି କରିଛନ୍ତି । ବିଧାତାକୃତ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦି ଆଲୋକ ବିକିରଣ କରୁଛନ୍ତି ଓ ଆମମାନଙ୍କ ସେବାରେ ନିୟୋଜିତ ହୋଇଛନ୍ତି । ତାହାଙ୍କ ସୃଷ୍ଟଜ ସମସ୍ତ ଉପାଦାନ ଯେପରି ବାୟୁ, ଜଳ, ଅଗ୍ନି ଓ ମାଟି ଆଦି ଠାରୁ ମନୁଷ୍ୟ ଉପକାର ପାଇଛି । ସେହିପରି ଅନ୍ୟାନ୍ୟ ଉତ୍ପାଦିତ ବସ୍ତୁ ଯେପରି ଶସ୍ୟ, ଫଳ ଓ ଔଷଧୀୟ ପଦାର୍ଥ ଇତ୍ୟାଦି ମନୁଷ୍ୟର ଆବଶ୍ୟକତାକୁ ପୂରଣ କରୁଛି ।  ଈଶ୍ୱରଙ୍କ ଏହି ବୈଶିଷ୍ଟ୍ୟ ଆମକୁ ଏହା ଶିଖାଉଛି ଯେ ଅନ୍ୟକୁ ବଦାନ୍ୟତା ଦେଖାଇବା ଓ ଅନ୍ୟମାନଙ୍କ ପ୍ରତି ଦୟାଶୀଳ ମନୋଭାବ ରଖିବା ଉଚିତ । ଅନ୍ୟମାନଙ୍କ ପ୍ରତି ହେୟ ମନୋବୃତ୍ତି ରଖି ସଂକୀର୍ଣ୍ଣମନା ହେବା ଆଦୌ ଉଚିତ ନୁହେଁ ।

ବନ୍ଧୁଗଣ, ନିଶ୍ଚିତ ରୂପେ ଏହା ମନେରଖ ଯେ ଉଭୟ ଧର୍ମ ମଧ୍ୟରୁ କୌଣସି ଗୋଟିଏ ଧର୍ମର ଅନୁଗାମୀ ଯଦି ଈଶ୍ୱରଙ୍କ ବିଶେଷ ଗୁଣାବଳୀକୁ ମର୍ଯ୍ୟାଦା ଦେବନାହିଁ ଓ ଈଶ୍ୱରଙ୍କ ସ୍ୱାଭାବିକ ଆଚରଣ ଅନୁଯାୟୀ ନିଜ ସ୍ୱଭାବ ନ ବଦଳାଇବ, ତେବେ ସେହି ଜାତିର ଶୀଘ୍ର ବିନାଶ ଘଟିବ । ନା କେବଳ ଆପଣାକୁ ନଷ୍ଟ କରିଦେବ, ନିଜର ଭବିଷ୍ୟତ ବଂଶଧରକୁ ମଧ୍ୟ ବିପଦଗ୍ରସ୍ତ ଅବସ୍ଥାରେ ନେଇ ପକାଇବ । ଯେବେଠାରୁ ସୃଷ୍ଟିର ଆରମ୍ଭ ହୋଇଛି, ସମସ୍ତ ଦେଶର ମହାତ୍ମାମାନେ ଏହାର ସାକ୍ଷ୍ୟ ଦେଇ ଆସିଛନ୍ତି ଯେ ଈଶ୍ୱରଙ୍କ ମହନୀୟ ଗୁଣ ଓ କାର୍ଯ୍ୟକୁ ଅନୁସରଣ କରିବା ମନୁଷ୍ୟ ପାଇଁ ଅମୃତ ପାନ କରିବା ସଦୃଶ । ମନୁଷ୍ୟର ଶାରୀରିକ ଓ ଆଧ୍ୟାତ୍ମିକ ଜୀବନ ସେହି ଚିରନ୍ତନ ସତ୍ୟ ଉପରେ ନିର୍ଭର କରେ ଯେ ପରମେଶ୍ୱରଙ୍କ ମହତ ଗୁଣାବଳୀକୁ ଅନୁସରଣ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ । ଯେଉଁ ଈଶ୍ୱର ମାନବର ମୁକ୍ତି ଓ ମୋକ୍ଷ ପ୍ରାପ୍ତି ପାଇଁ ଆବଶ୍ୟକ କରୁଥିବା ସମସ୍ତ ନିର୍ଝରର ମୂଳ ଉତ୍ସ ।

ପରମେଶ୍ୱରଙ୍କ ମୁଖନିଃସୃତ ସେହି ମହାନ ଦିବ୍ୟବାଣୀରୁ ପବିତ୍ର କୁରଆନର ଅୟମାରମ୍ଭ ହୋଇଛି ଓ 'ଅଲ୍ ଫାତିହା' ନାମକ ପ୍ରଥମ ଅଧ୍ୟାୟରେ ଏହି ପଙ୍କ୍ତି ପୃଷ୍ଠା ମଣ୍ଡନ କରିଛି:

اَلْحَمْدُ لِلّٰهِ رَبِّ الْعٰلَمِيْنَ

**ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆ'ଲମିନ୍ । (ଅଲ ଫାତିହା ୨ )**

ଅର୍ଥାତ୍ 'ସମସ୍ତ ପ୍ରକାର ସ୍ୱୟଂ ସଂପୂର୍ଣ୍ଣ ଓ ଦିବ୍ୟ ଗୁଣାବଳୀ ସେହି ଅଲ୍ଲାଃ ପରମବ୍ରହ୍ମଙ୍କ ପାଇଁ ଉଦ୍ଦିଷ୍ଟ, ଯିଏ ହେଉଛନ୍ତି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତ୍ତା ।'

ଏଠାରେ 'ଆଲମ୍' ଶବ୍ଦରେ ବିଶ୍ୱର ସମସ୍ତ ଜାତି, ସବୁ ଯୁଗ ଓ ବିଭିନ୍ନ ଦେଶ ସମୂହ ଅନ୍ତର୍ଭୁକ୍ତ । ଏହି ପଙ୍କ୍ତିରୁ ହିଁ ପବିତ୍ର କୁରଆନର ଆରମ୍ଭ । ଏହାର ତାତ୍ପର୍ଯ୍ୟ ସେହିସବୁ ଜାତି ବା ସଂପ୍ରଦାୟର ମତାବଲମ୍ବୀଙ୍କ ଏହି ମତକୁ ଖଣ୍ଡନ କରେ, ଯେଉଁମାନେ ଏକଘଟିଆ ମନୋବୃତ୍ତି ରଖି କୁହନ୍ତି ଯେ ଈଶ୍ୱର କେବଳ ତାଙ୍କ ଜାତିର ହିଁ ତ୍ରାଣକର୍ତ୍ତା । ଫଳତଃ ସେମାନେ ଈଶ୍ୱରଙ୍କ ଅପରିମିତ ଦୟାକୁ କେବଳ ତାଙ୍କ ନିଜ ଜାତି ମଧ୍ୟରେ ସୀମିତ ରଖିବାକୁ ଚାହାନ୍ତି । ସେମାନଙ୍କ ଧାରଣାରେ ସତେ ଯେପରି ଅନ୍ୟ ସଂପ୍ରଦାୟର ଲୋକମାନେ ଆଦୌ ଈଶ୍ୱର ଭକ୍ତ ନୁହନ୍ତି । ଆଉ ଯେପରି ଅନ୍ୟ ଇତର ପ୍ରାଣୀଙ୍କୁ ଈଶ୍ୱର ଜନ୍ମ ଦେଇ ପୁଣି ଅଲୋଡା ବସ୍ତୁ ରୂପେ ଛାଡ଼ି ଦେଇଛନ୍ତି ଅଥବା ପରିତ୍ୟକ୍ତ ବସ୍ତୁ ସଦୃଶ ନିଜ ମନରୁ ପୋଛି ଦେଇଛନ୍ତି । ଏପରିକି (ଈଶ୍ୱର କ୍ଷମା କରନ୍ତୁ) ସେମାନଙ୍କୁ ଈଶ୍ୱର ଆଦୌ ଯେମିତି ସୃଷ୍ଟି ହିଁ କରିନାହାନ୍ତି ।

ଉଦାହରଣ ସ୍ୱରୂପ, ଇହୁଦି ଓ ଖ୍ରୀଷ୍ଟ ସଂପ୍ରଦାୟର ଲୋକମାନଙ୍କ ମନରେ ଏହି ଧାରଣା ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି ଯେ ଈଶ୍ୱରଙ୍କ ସମସ୍ତ ଅବତାର ଓ ବାର୍ତ୍ତାବହ କେବଳ ଇସ୍ରାଇଲ ଜାତିରେ ପ୍ରେରଣ କରାଯାଇଛନ୍ତି । ପୁନିଶ୍ଚ ଈଶ୍ୱର ଅନ୍ୟ ଜାତିଗୁଡ଼ିକର ଧର୍ମଗତ ଓ ଆଧ୍ୟାତ୍ମିକ ଆବଶ୍ୟକତାକୁ ସଂପୂର୍ଣ୍ଣ ଅଣଦେଖା କରି ଉପେକ୍ଷିତ ଅବସ୍ଥାରେ ଛାଡ଼ି ଦେଇଛନ୍ତି । ସତେ ଯେପରି ଈଶ୍ୱର ଅନ୍ୟ ସମସ୍ତ ଜାତି ଉପରେ ଏମିତି ଅସନ୍ତୁଷ୍ଟ ଯେ ସେମାନେ ପଥଭ୍ରଷ୍ଟ ହେବା ଓ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବାର ଦେଖି ସୁଦ୍ଧା ସେମାନଙ୍କ ପ୍ରତି ଭ୍ରୂକ୍ଷେପ କରନ୍ତି ନାହିଁ । କିନ୍ତୁ ଏପରି ଚିନ୍ତାଧାରା କୌଣସି ଦୃଷ୍ଟିକୋଣରୁ ମଧ୍ୟ ଯୁକ୍ତିଯୁକ୍ତ ମନେ ହେଉ ନାହିଁ । ଯେହେତୁ ବାଇବେଲର ନୂତନ ସମାଚାରରେ ଉଲ୍ଲେଖ ଅଛି, ଯାହା ଯୀଶୁ କହିଥିଲେ ! **'ମୁଁ କେବଳ ଇସ୍ରାଇଲ ଜାତିର ମେଷମାନଙ୍କ ପାଇଁ ଆସିଅଛି ।'**

(ମାଥିଉ: ୧୫:୨୪) କିନ୍ତୁ ଏହି ଉକ୍ତିରେ ଈଶ୍ୱର ପ୍ରେରିତ ଦୂତ ରୂପେ ଯୀଶୁଙ୍କୁ ଇସ୍ରାଇଲ ଜାତି ପରି ଏକ ଛୋଟ ପରିଧି ମଧ୍ୟରେ ସୀମାବଦ୍ଧ କରି ରଖିବା ଈଶ୍ୱରଙ୍କ ମହାନୁଭବତା ଓ ଆଶୀର୍ବାଦକୁ ଉପଯୁକ୍ତ ମନେକରି ଏହାର ଯଥାର୍ଥତା ପ୍ରତିପାଦନ କରୁନାହିଁ । ଯୀଶୁଙ୍କ ମୁଖୋଚ୍ଚାରିତ ବାଣୀରେ ଏପରି ସଂକୀର୍ଣ୍ଣ ଭାବନା ଆମକୁ ଅତି ଆଶ୍ଚର୍ଯ୍ୟରେ ପକାଉଛି । ଏଠାରେ ପ୍ରଶ୍ନ ଉଠୁଛି ଯେ କ'ଣ ଯୀଶୁ ମସିହ କେବଳ ଇସ୍ରାଇଲୀୟ ସନ୍ତାନଙ୍କ ପ୍ରଭୁ ହୋଇ ଆସିଥିଲେ ? କଣ ସେ ଅନ୍ୟାନ୍ୟ ଜାତିର ଉଦ୍ଧାର ପାଇଁ ଅଭିପ୍ରେତ ନଥିଲେ ? ସେଥିଯୋଗୁଁ କ'ଣ ତାଙ୍କ ମୁହଁରୁ ଏପରି ବାକ୍ୟ ବାହାରିଲା, ଯଦ୍ୱାରା ଏହା ବୁଝା ପଡ଼ିବ ଯେ ଅନ୍ୟ ସମସ୍ତ ଜାତି ବା ସଂପ୍ରଦାୟର ସୁଧାର ଓ ସତ୍‌ଶିକ୍ଷା ଆଡ଼କୁ ଯୀଶୁଙ୍କର କୌଣସି ଧ୍ୟାନ ହିଁ ନଥିଲା ।

ସଂକ୍ଷେପରେ କହିବାକୁ ଗଲେ ଇହୁଦି ଓ ଖ୍ରୀଷ୍ଟିୟାନଙ୍କର ବିଶ୍ୱାସ ରହିଛି ଯେ ସମସ୍ତ ଅବତାର ଓ ପ୍ରେରିତ ବାର୍ତ୍ତାବହଗଣ କେବଳ ସେହିମାନଙ୍କ ମଧ୍ୟରୁ ଆବିର୍ଭୂତ ହୋଇଛନ୍ତି । ସେହିପରି ସମସ୍ତ ଐଶ୍ୱରିକ ଗ୍ରନ୍ଥ କେବଳ ସେମାନଙ୍କ ପ୍ରତି ପଥପ୍ରଦର୍ଶନ ପାଇଁ ଅବତୀର୍ଣ୍ଣ କରାଯାଇଛି । ପୁଣି ଖ୍ରୀଷ୍ଟ ସମାଜର ଧର୍ମୀୟ ମତ ଅନୁଯାୟୀ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ ଓ ଦିବ୍ୟ ବାଣୀ ପ୍ରକଟନର ଧାରା ଯୀଶୁ ମସିହଙ୍କ ଠାରେ ହିଁ ସମାପ୍ତ ହୋଇଛି । ଏହି ଧର୍ମ ପ୍ରଣୟନର ପଦ୍ଧତିରେ ମୋହର ଲାଗି ଯାଇଛି, ଯଦ୍ଦ୍ୱାରା ଭଗବତ ପ୍ରାପ୍ତିର ଦ୍ୱାର ସବୁ ଦିନ ପାଇଁ ବନ୍ଦ ହୋଇ ଯାଇଛି ।

ଆର୍ଯ୍ୟ ସମାଜର ମତାବଲମ୍ବୀମାନେ ମଧ୍ୟ ଅନୁରୂପ ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି । ଯେପରି ଅବତାରବାଦ ଓ ଐଶିବାଣୀ ପ୍ରବାହର ବ୍ୟବସ୍ଥାକୁ ଇହୁଦି ଓ ଖ୍ରୀଷ୍ଟିୟାନମାନେ ଇସ୍ରାଇଲ ବଂଶ ମଧ୍ୟରେ ସୀମିତ କରି ରଖିଛନ୍ତି ଓ ଅନ୍ୟ ସମସ୍ତ ଜାତିକୁ ସେମାନଙ୍କ ଐଶି ଲବ୍‌ଧ ପ୍ରତିଷ୍ଠାରୁ ବାଦ ଦେଇଛନ୍ତି, ଠିକ ସେହିପରି ଆର୍ଯ୍ୟମାନେ ମଧ୍ୟ ଦୁର୍ଭାଗ୍ୟବଶତଃ ଏହି ସିଦ୍ଧାନ୍ତ ବ୍ୟକ୍ତ କରୁଛନ୍ତି ଯେ ଐଶିବାଣୀ ଅବତୀର୍ଣ୍ଣ ହେବାର ପରମ୍ପରା ଆର୍ଯ୍ୟାବର୍ତ୍ତର ଚାରି କାନ୍ଥରୁ କେବେ ବାହାରକୁ ଯାଇନାହିଁ । କେବଳ ଭାରତବର୍ଷ ହିଁ ସେହି ଦେଶ, ଯେଉଁଠାରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବା ଦ୍ୱାରା ତାହାର ମାଟିରେ ଚାରିଜଣ ବୈଦିକ ଋଷି ସଦାସର୍ବଦା ମନୋନୀତ ହୋଇ ଆସୁଛନ୍ତି ତଥା ବେଦ ଗ୍ରନ୍ଥର ବାଣୀ ହିଁ ଅନବରତ ଅବତୀର୍ଣ୍ଣ ହୋଇ ଚାଲିଛି । ଏକାକୀ ସଂସ୍କୃତ ଭାଷା ହିଁ ବେଦ ବାକ୍ୟକୁ ବୁଦ୍ଧିମନ୍ତ କରି ରଖିଛି, ଯାହା ପାଇଁ ଏହାକୁ ସବୁବେଳେ ଈଶ୍ୱରଙ୍କ ନିର୍ଦ୍ଦେଶର ମାଧ୍ୟମ ରୂପେ ଚୟନ କରାଯାଇଛି ।

ଏଥିରୁ ଜଣେ ସହଜରେ ବୁଝିପାରିବ ଯେ ଏହି ଉଭୟ ଜାତି ଈଶ୍ୱରଙ୍କୁ କେବେ 'ରବ୍‌ବୁଲ୍ ଆଲ୍‌ମିନ' ଅର୍ଥାତ ସମଗ୍ର ବିଶ୍ୱର ପାଳନକର୍ତ୍ତା ତଥା ବିଶ୍ୱ ବିଧାତା ରୂପେ ବିଚାର କରନ୍ତି ନାହିଁ । ନଚେତ ଏହାର କିଛି ହେଲେ କାରଣ ଜଣା ପଡୁନାହିଁ ଯେ ଯେଉଁ ପରିସ୍ଥିତିରେ ଈଶ୍ୱର ସ୍ୱୟଂ ସମସ୍ତ ଜଗତର ପ୍ରତିପାଳକ ବୋଲି ଘୋଷଣା କରଛନ୍ତି, ସେପରି ସ୍ଥଳେ ସେ କେବଳ ଇସ୍ରାଇଲ ଜାତିର 'ରବ୍' କିମ୍ୱା ବୈଦିକ ଆର୍ଯ୍ୟ ସମାଜର ପାଳନକର୍ତ୍ତା ନୁହନ୍ତି । ତେବେ ଏପରି ଭାବେ ସେ କାହିଁକି ଏକ ସ୍ୱତନ୍ତ୍ର ଜାତି ସହିତ ସ୍ଥାୟୀ ଓ ଅନାବିଳ ସଂପର୍କ ସ୍ଥାପନ କରୁଛନ୍ତି ? ଯହିଁରେ ସେମାନଙ୍କ କହିବା ଅନୁଯାୟୀ ଈଶ୍ୱର ଗୋଟିଏ ଜାତି ପ୍ରତି ନିଜର ବିଶେଷ କରୁଣାର ଦୃଷ୍ଟି ପକାଉଛନ୍ତି ତ ଅବଶିଷ୍ଟ ସମସ୍ତ ଜାତିର ଲୋକମାନଙ୍କୁ ହତାଦର କରି ଏକ ପକ୍ଷପାତିତାର ଭାବ ସୃଷ୍ଟି କରୁଛନ୍ତି । ସୁତରାଂ ଏପରି ଭ୍ରମାତ୍ମକ ଧାରଣାକୁ ଦୃଢ଼ ଭାବରେ ଖଣ୍ଡନ କରି ପରମେଶ୍ୱର ଏହି ଆରବି ପଙ୍‌କ୍ତି ସହିତ ପବିତ୍ର କୁରଆନ ବାଣୀର ଶୁଭାରମ୍ଭ କରିଛନ୍ତି ।

اَلْحَمْدُ لِلّٰهِ رَبِّ الْعٰلَمِيْنَ

**'ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ ଆଲମିନ୍'**

ସେହିପରି ଈଶ୍ୱର ପବିତ୍ର କୁରଆନ୍‌ର ବିଭିନ୍ନ ପଙ୍‌କ୍ତିରେ ଏହା ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି ଯେ ତାହାଙ୍କ ପ୍ରେରିତ ଯୁଗ ପ୍ରବର୍ତ୍ତକ କୌଣସି ସ୍ୱତନ୍ତ୍ର ଜାତି ବା ସଂପ୍ରଦାୟ କିମ୍ୱା ନିର୍ଦ୍ଦିଷ୍ଟ ଦେଶରେ ଆବିର୍ଭୁତ ହୋଇ ଆସୁଛନ୍ତି ବୋଲି କହିବା ଠିକ୍ ହେବ ନାହିଁ । ବରଂ ସେ କୌଣସି ଜାତି ବା ଦେଶକୁ ଏହି ସ୍ୱର୍ଗୀୟ ବରଦାନରୁ ବଞ୍ଚିତ କରି ନାହାନ୍ତି । ଏହି ଶାଶ୍ୱତ ବାଣୀ ପବିତ୍ର କୁରଆନରେ ବିଭିନ୍ନ ପ୍ରକାର ଦୃଷ୍ଟାନ୍ତ ମାଧ୍ୟମରେ କୁହାଯାଇଛି । ଯେପରିକି ପ୍ରଭୁ ପ୍ରତ୍ୟେକ ଦେଶର ବାସିନ୍ଦାଙ୍କ ନୈତିକ ଓ ଭୌତିକ ବିକାଶ କଳ୍ପେ ଉପଯୁକ୍ତ ଯତ୍ନ ନିଅନ୍ତି ଓ ସେମାନଙ୍କ ଆବଶ୍ୟକ ସ୍ଥିତି ଅନୁଯାୟୀ ସେମାନଙ୍କ ଚରିତ୍ରିକ ସଂସ୍କାର କରନ୍ତି । ସେ ସ୍ୱୟଂ କୁରଆନର ଏହି ପଙ୍‌କ୍ତିରେ କହିଛନ୍ତି:

وَاِنْ مِّنْ اُمَّةٍ اِلَّا خَلَا فِيْهَا نَذِيْرٌ

**'ୱ୍ୱଇନ୍ମିନ୍ ଉମ୍ମତିନ ଇଲ୍ଲା ଖଲାଫିହା ନଜିର୍**

**(ଅଲ୍ ଫାତିର ୩୫:୨୫)'**

ଅର୍ଥାତ 'ଏପରି କୌଣସି ସଂପ୍ରଦାୟ ନାହିଁ, ଯାହାଙ୍କ ସକାଶେ ସଚେତକ ରୂପେ କୌଣସି ବାର୍ତ୍ତାବହ କିମ୍ବା ଅବତାର ଆସି ନାହାନ୍ତି ।'

ସୁତରାଂ ଏହି ପ୍ରସଙ୍ଗରେ କୌଣସି ଅଧିକ ବିତର୍କ ନକରି ଏହା ଗ୍ରହଣ କରିନେବା ଆବଶ୍ୟକ ଯେ ସେହି ପରମତମ ସତ୍ୟ ଓ ସ୍ୱୟଂ ସଂପୂର୍ଣ୍ଣ ଜଗଦୀଶ୍ୱର, ଯାହାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିବା ଜଣେ ଭକ୍ତର ପରମ କର୍ତ୍ତବ୍ୟ, ସେ ହେଉଛନ୍ତି ସମଗ୍ର ବିଶ୍ୱ ବ୍ରହ୍ମାଣର ପ୍ରତିପାଳକ ଈଶ୍ୱର ଓ ତାଙ୍କର ଦେବିକୃତ ଯୋଜନାର ମହିମା କୌଣସି ନିର୍ଦ୍ଦିଷ୍ଟ ଜାତି ଠାରେ ସୀମାବଦ୍ଧ ହୋଇ ରହିନାହିଁ । ସେହି ପରିସୀମା ନା କୋଣସି ନିର୍ଦ୍ଦିଷ୍ଟ ଯୁଗ ପ୍ରତି ନା କୌଣସି ଦେଶ କିମ୍ବା ଦେଶବାସୀଙ୍କ ପ୍ରତି ନିର୍ଦ୍ଧାରଣ କରାଯାଇଛି । ପ୍ରକୃତରେ ସେ ହେଉଛନ୍ତି ସମସ୍ତ ଜାତିର ଓ ସବୁ ଯୁଗର ପୃଷ୍ଠପୋଷକ । ସକଳ ସ୍ଥାନ, ଯୁଗ ସନ୍ଧିର ସମୟ ତାହାଙ୍କ ଶ୍ରୀକରରେ ସଂସ୍ଥାପିତ । ସେ ସକଳ ଅନୁଗ୍ରହର ନିର୍ଝର । ପ୍ରତ୍ୟେକ ଭୌତିକ ଓ ଆଧାତ୍ମିକ ଶକ୍ତିର ସେ ଆଧାର । ସମସ୍ତ ଜୀବ ଜଗତ ସ୍ଥାବର ଜଙ୍ଗମର ଅସ୍ତିତ୍ୱକୁ ସେ ଧାରଣ କରି ରଖିଛନ୍ତି । ସବୁରି ପ୍ରାଣର ସେ ସ୍ପନ୍ଦନ ଓ ସୃଷ୍ଟିର ପ୍ରତ୍ୟେକ ରେଣୁ ତାଙ୍କ ଠାରୁ ଜୀବନ ଶକ୍ତି ପାଏ । ସକଳ ସୃଷ୍ଟିର ଉପାଦାନର ରକ୍ଷଣାବେକ୍ଷଣ ଦାୟୀତ୍ୱ ତାଙ୍କ ଉପରେ ନ୍ୟସ୍ତ । ପ୍ରତ୍ୟେକ ପ୍ରକୃତିର ଜୀବ ସତ୍ତା ତାଙ୍କରି ଚରଣାଶ୍ରୀତ ।

ଈଶ୍ୱରଙ୍କ ଅନୁଗ୍ରହ ସାଧାରଣ ଭାବେ ସମସ୍ତ ଜାତି, ସମସ୍ତ ଦେଶ ଓ ସବୁ ଯୁଗରେ ଆଚ୍ଛାଦିତ ହୋଇଥାଏ । ତାହାଙ୍କ କର୍ତ୍ତୃତ୍ୱ ସର୍ବତ୍ର ସମାନ ଭାବରେ ଅନୁଭୂତ ହେବାର କାରଣ କୌଣସି ଜାତିକୁ ଏହା ଉପରେ ଆପତ୍ତି ଉଠାଇବାର ଅବସର ମିଳିବ ନାହିଁ । ଏବଂ ଏହା ମଧ୍ୟ କେହି କହିବାର ସୁଯୋଗ ପାଇବେ ନାହିଁ ଯେ ପ୍ରଭୁ ଅମୁକ ଜାତି ପ୍ରତି ଅନୁଗ୍ରହ କଲେ, ମାତ୍ର ଆମେ ସେଥିରୁ ବଞ୍ଚିତ ହୋଇ ରହିଗଲୁ । ଅମୁକ ଜାତି ବା ସଂପ୍ରଦାୟରେ ଅନୁଗାମୀଙ୍କ ସତଶିକ୍ଷା ଲାଭ ସକାଶେ ଐଶି ପୁସ୍ତକ ତ ଆସିଲା ଅଥଚ ଆମକୁ ତାହା ମିଳିଲା ନାହିଁ ଅଥବା ଅମୁକ ଯୁଗରେ ଈଶ୍ୱର ନିଜର ଶାଶ୍ୱତ ବାଣୀ ତଥା ଅଲୌକିକ ନିଦର୍ଶନ ସହିତ ପ୍ରକଟିତ ହେଲେ, ମାତ୍ର ଆମ ଯୁଗରେ ତାଙ୍କ ଦିବ୍ୟ ପ୍ରକାଶ ରହସ୍ୟାବୃତ୍ତ ହୋଇ ରହିଗଲା । ସୁତରାଂ ଈଶ୍ୱର ନିଜର ଅନୁକମ୍ପାକୁ ସାଧାରଣ କରି ଦେଖାଇବା ଫଳରେ ଲୋକମାନଙ୍କ ସମସ୍ତ ଅଭିଯୋଗ ଅଚିରେ ଦୂରିଭୂତ ହୋଇଗଲା । ମହିମାମୟ ପ୍ରଭୁ ନିଜର ଆଦର୍ଶ

ଗୁଣାବଳୀକୁ ଏପରି ବ୍ୟାପକ କରି ଦେଖାଇଲେ, ଯଦ୍ଵାରା କୌଣସି ଜାତି ବା ସଂପ୍ରଦାୟ ତାହାଙ୍କ ବଦାନ୍ୟତା ତଥା ଆଶୀର୍ବାଦରୁ ବଞ୍ଚିତ ହୋଇ ରହିଲା ନାହିଁ କି କୌଣସି ଯୁଗକୁ ସେ ନିର୍ଦ୍ଦିଷ୍ଟ ଭାବରେ ଦୁର୍ଭାଗ୍ୟର କଷାଘାତରେ ପକାଇଲେ ନାହିଁ । ଆଉ ସେ ମଧ୍ୟ ସେହି ଦୁର୍ଦ୍ଦିନର ସମୟକୁ ଭାଗ୍ୟର ବିଡ଼ମ୍ବନା ରୂପେ ଠଉରାଇଲେ ନାହିଁ ।

ତେଣୁ ଆମ ପରମେଶ୍ଵର ଯେତେବେଳେ ଏପରି ନୈସର୍ଗୀକ ଗୁଣର ଅଧିକାରୀ, ଆମ ପକ୍ଷେ ଏହା ଯଥୋଚିତ ପଦକ୍ଷେପ ହେବ ଯଦି ଆମେମାନେ ମଧ୍ୟ ସେହି ଆଦର୍ଶରେ ଅନୁପ୍ରାଣୀତ ହେବା । ତେଣୁ ହେ ମୋର ପ୍ରିୟ ଦେଶବାସୀ ! ମୋର ଏହି କ୍ଷୁଦ୍ର ଆଲେଖ୍ୟ ଯାହାର ନାମ **'ପୈଗାମେ ସୁଲହା'** ଆପଣମାନଙ୍କ ସେବାରେ ଅତି ସରାଗରେ ଉପସ୍ଥାପନ କରାଯାଉଛି । ଈଶ୍ଵରଙ୍କ ଠାରେ ମୋର ସଶ୍ରଦ୍ଧ ପ୍ରାର୍ଥନା ଯେ ସେହି କୃପାମୟ ମୋର ସହାନୁଭୂତି ଭରା ବିଶ୍ଵାସକୁ ଆପଣମାନଙ୍କ ହୃଦୟରେ ଭରି ଦିଅନ୍ତୁ । ମୋର ନିଷ୍ପାପର ମୈତ୍ରୀ ଭାବନାର ପ୍ରକୃତ ଭେଦକୁ ଜାଣିବା ପାଇଁ ପ୍ରଭୁ ଆପଣମାନଙ୍କ ମନ ମସ୍ତିଷ୍କର ଗବାକ୍ଷବୁ ଖୋଲି ଦିଅନ୍ତୁ । ଯଦ୍ଵାରା ମୋର ଏହି ବନ୍ଧୁତ୍ଵର ପ୍ରିତି ଉପାହରକୁ କୌଣସି ସ୍ଵାର୍ଥରେ ଜଡ଼ିତ ଥିବାର ଯେପରି ଆଶଙ୍କା ପ୍ରକାଶ ନକରନ୍ତି । ବନ୍ଧୁଗଣ ! ପରକାଳର ଜୀବନ ତତ୍ତ୍ଵ ସାଧାରଣ ଲୋକଙ୍କ ପାଇଁ ପ୍ରାୟତଃ ଦୁର୍ଭେଦ୍ୟ ହୋଇ ରହିଯାଏ । କିନ୍ତୁ ଜ୍ଞାନାଲୋକ ପାଇଥିବା କିଛି ଲୋକଙ୍କୁ ଏହି ଭେଦ ଜଣାଥାଏ, ଯେଉଁମାନେ ନିଜ ମୃତ୍ୟୁ ହେବା ପୂର୍ବରୁ ଅନ୍ୟ ଧରଣର ଏକ ମୃତ୍ୟୁକୁ ଆଲିଙ୍ଗନ କରିଥାନ୍ତି । ମାତ୍ର ଅପର ପକ୍ଷେ ଏହି ଦୁନିଆର ଭଲ ମନ୍ଦକୁ ପ୍ରତ୍ୟେକ ଦୂରଦର୍ଶୀ ଚିନ୍ତାଧାରା ସଂପନ୍ନ ବ୍ୟକ୍ତି ନିଜ ବୁଦ୍ଧି ଓ ଜ୍ଞାନ ଦ୍ଵାରା ସହଜରେ ପରଖି ନେଇଥାଏ ।

ଏହା କାହାକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେଉଁ ବିପଦ ଓ ଅସୁବିଧାଗୁଡିକ ଅନ୍ୟ କୌଣସି ଉପାୟରେ ସମାଧାନ ହୋଇପାରୁ ନଥାଏ, ତାହା ଏକତା ଦ୍ଵାରା ହିଁ ସହଜରେ ସମାହିତ ହୋଇଯାଏ । ଅତଏବ ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ।

ତେବେ ହିନ୍ଦୁ ଓ ମୁସଲମାନ ଆମ ଦେଶ ଭାରତବର୍ଷର ଦୁଇଟି ଶ୍ରେଷ୍ଠ ଜାତି ରୂପେ ଏକତ୍ର ବସବାସ କରି ଆସୁଛନ୍ତି । ସେମାନଙ୍କର ଶାନ୍ତି ଓ ସୌହାର୍ଦ୍ଦ୍ୟ ମୂଳକ ସହାବସ୍ଥାନ ଏହାର ପ୍ରମାଣ ଦେଉଛି । ତେଣୁ ସେମାନଙ୍କ ପକ୍ଷେ ଏହା କଳ୍ପନା କରିବା କଷ୍ଟକର ହେବ ଯେ କୌଣସି ସମୟରେ ମନେ କରନ୍ତୁ ଯଦି

ହିନ୍ଦୁମାନେ ଏକତ୍ରିତ ହୋଇ ମୁସଲମାନମାନଙ୍କୁ ଏହି ଦେଶରୁ ବାହାର କରିଦେବେ ଅଥବା ମୁସଲମାନ ହିନ୍ଦୁମାନଙ୍କୁ ତାଙ୍କ ମାତୃଭୂମିରୁ ବିତାଡ଼ିତ କରିବାକୁ ଚେଷ୍ଟା କରିବେ, ଯାହାକି କସ୍ମିନକାଳେ ସମ୍ଭବପର ନୁହେଁ । ଯେହେତୁ ଉଭୟଙ୍କ ନିମନ୍ତେ ଏକତ୍ର ମିଳିମିଶି ରହିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ଯଦି କେଉଁ ପକ୍ଷ ଉପରେ ବିପତ୍ତି ଆସିବ, ତେବେ ଏହା ସ୍ୱାଭାବିକ ଯେ ଅନ୍ୟଟି ମଧ୍ୟ ସେଥିରେ ସହଭାଗୀ ହେବ ।

ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜର ଆତ୍ମ ବଡିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖୁଥାଏ, ତେବେ ସେ ମଧ୍ୟ ନିଜେ ପଡ଼ୋଶୀଙ୍କୁ ସାହାଯ୍ୟ, ସହାନୁଭୂତି ଦେବାରେ ଅବହେଳା ପ୍ରଦର୍ଶନ କରେ । ତେବେ ତା'ର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତିଗ୍ରସ୍ତ ହେବ । ଯଦି କେହି ତୁମ ଦୁଇ ଜାତି ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେହି ବ୍ୟକ୍ତି ଏପରି, ଯେପରି ସେ ଯେଉଁ ଡାଳରେ ବସିଥାଏ, ତାକୁ ହିଁ ହାଣିବାରେ ଲାଗିଥାଏ ।

ତେବେ ଆପଣମାନେ ଈଶ୍ୱରଙ୍କ କୃପାରୁ ଶିକ୍ଷିତ ଓ ବିଜ୍ଞ ବ୍ୟକ୍ତି । ତେଣୁ ଏହା ଆବଶ୍ୟକ ଯେ ଆପଣମାନେ ମନରୁ ଈର୍ଷା, କ୍ରୋଧ ପରିହାର କରନ୍ତୁ ତଥା ପରସ୍ପର ମଧ୍ୟରେ ପ୍ରେମ ଓ ସଦ୍‌ଭାବନା ରକ୍ଷା କରିବା ପାଇଁ ଆଗେଇ ଆସନ୍ତୁ । ଏହା ହିଁ ଆପଣମାନଙ୍କ ବୁଦ୍ଧିମତାର ପରିଚୟ ଦେବ । ଦୁନିଆର ଦୁଃଖ ଯନ୍ତ୍ରଣା ମରଭୂମିର ଯାତ୍ରା ପରି ଦୁର୍ବିସହ । ଏକ ଉତ୍ତପ୍ତ ମଧ୍ୟାହ୍ନ ସୂର୍ଯ୍ୟର ପ୍ରଚଣ୍ଡ ରୌଦ୍ରତାପ ପରି ଆମ ଆତ୍ମାକୁ ଛଟପଟ କରାଏ । ଶୀତଳ ଜଳ ବିନା ଏହି କଷ୍ଟସାଧ ଯାତ୍ରାପଥ ଅତିକ୍ରମ କରିବା ନିଷ୍ଫଳ ମନେ ହୁଏ । ସେଥିଯୋଗୁଁ ଏହା ହିଁ ଆବଶ୍ୟକ କରୁଛି ପାରସ୍ପରିକ ପ୍ରେମର, ସ୍ନେହ ଓ ଶ୍ରଦ୍ଧାର, ଯାହାର ସ୍ନିଗ୍‌ଧ ଶୀତଳ ଜଳରାଶି ମନୁଷ୍ୟ ହୃଦୟରେ ଜଳୁଥିବା ଅଶାନ୍ତ ବହ୍ନିକୁ ନିର୍ବାପିତ କରି ଦିଏ । ତାହାର ସମସ୍ତ ତୃଷ୍ଣାକୁ ମେଣ୍ଟାଇ ତାକୁ ମରଣ ମୁହଁରୁ ବଞ୍ଚାଇ ଦିଏ ।

ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଏ ଅଧମ ଆପଣମାନଙ୍କୁ ମୈତ୍ରୀ ସ୍ଥାପନ ପାଇଁ ଡାକୁଛି । ଯେବେ କି ହିନ୍ଦୁ ଓ ମୁସଲମାନ ଉଭୟ ଧର୍ମର ମତାବଲମ୍ବୀଙ୍କୁ ମୈତ୍ରୀ ପୋଷଣର ଅତି ଆବଶ୍ୟକତା ରହିଛି । ଦୁନିଆ ପ୍ରତି ଅନେକ ପ୍ରକାରର ଦୈବ ବିପତ୍ତି ମାଡି ଆସୁଛି । ଭୂମିକମ୍ପର ଝଟକା ଦେଖିବାକୁ ମିଳୁଛି । ଦୁର୍ଭିକ୍ଷ ପଡୁଛି ଓ ପ୍ଲେଗ ରୋଗ ମଧ୍ୟ ପିଛା ଛାଡୁ ନାହିଁ । ମୋତେ ଈଶ୍ୱର ଏହି ସୂଚନା ଦେଇଛନ୍ତି ଯେ ଯଦି ମାନବ ଜଗତ ମନ୍ଦ କର୍ମରୁ ବିରତ ନହୁଏ ଓ ଅଧର୍ମ ଅନୀତି ପରିହାର

ପୂର୍ବକ ସେଥିପାଇଁ ପ୍ରାୟଶ୍ଚିତ ନକରେ, ତା' ହେଲେ ଦୁନିଆ ଉପରେ ଭୟାନକ ବିପଦ ଦେଖାଦେବ । ଗୋଟିଏ ବିପତ୍ତିରୁ ନିସ୍ତାର ମିଳି ନଥିବ ଯେ ଅନ୍ୟ ଏକ ବିପତ୍ତି ଆସି ପହଞ୍ଚିଯିବ । ଶେଷରେ ମନୁଷ୍ୟ ବିବ୍ରତ ଓ ଭୟଭୀତ ହୋଇଯିବ ଯେ ଯେ କ'ଣ ହେବାକୁ ଯାଉଛି ! ସେ ଏହି ଦୈବି ଦୁର୍ବିପାକର ଚକ୍ରବ୍ୟୁହରେ ପେଷି ହୋଇ ପାଗଳ ପ୍ରାୟ ବିଳାପ କରି ବୁଲିବ । ତେଣୁ ହେ ମୋର ପ୍ରିୟ ଦେଶବାସୀ ! ସେହି ଦିନ ଆସିବା ପୂର୍ବରୁ ସତର୍କ ହୋଇଯାଅ । ହିନ୍ଦୁ ମୁସଲମାନ ଆପଣା ମଧ୍ୟରେ ମୈତ୍ରୀ ସ୍ଥାପନ କରିନିଅ । ଦୁଇ ଜାତି ମଧ୍ୟରୁ ଯେଉଁ ପକ୍ଷ ଶାନ୍ତି ବ୍ୟାହତ କରିବା ଦିଗରେ ଯଦି ସୀମାତିକ୍ରମ କରିଥାଏ, ତେବେ ଏହା ପରିବର୍ତ୍ତେ ସେହି ଆଚରଣରୁ ସେ ଶୀଘ୍ର କ୍ଷାନ୍ତ ରହିବା ଶ୍ରେୟସ୍କର । ନଚେତ ସେହିପରି ପରସ୍ପର ମଧ୍ୟରେ ଶତ୍ରୁତା ଯୋଗୁଁ ଲାଗିଥିବା ପାପର ଦୋଷ ସେହି ଜାତିର ବେକ ଉପରେ ପଡିବ ।

ଯଦି କେହି ପ୍ରଶ୍ନ କରେ ଯେ ବନ୍ଧୁତ୍ୱ ସ୍ଥାପନ ହେବାର ସମ୍ଭାବନା କିପରି ଦେଖା ଦେଇ ପାରିବ, ଯେତେବେଳେ କି ଧର୍ମୀୟ ମତଭେଦ ଏକ ନକାରାତ୍ମକ ରୂପରେ ହୃଦୟ ମଧ୍ୟରେ ଦିନକୁ ଦିନ ବିଦ୍ରୋହର ନିଆଁ ଜଳାଉଛି । ଏପରି ସ୍ଥଳେ ମୋର ଉତ୍ତର ହେଉଛି, ଧର୍ମୀୟ ମତଭେଦ ସେତେବେଳେ ଉପୁଜିବ, ଯେତେବେଳେ ନ୍ୟାୟ ଓ ବୁଦ୍ଧି ବିବେକ ପ୍ରତିକୂଳ ପ୍ରଭାବ ବିସ୍ତାର କରିବ ଓ ମାନବୀୟ ମୁଲ୍ୟବୋଧ ଭଲ ଭାବରେ ପରଖା ଯାଇପାରିବ ନାହିଁ । ନଚେତ ମନୁଷ୍ୟକୁ ତ ହିତାହିତ ଜ୍ଞାନ ଦିଆଯାଇଛି ଯେ ସେ ନ୍ୟାୟ ଓ ବୁଦ୍ଧି ବଳରେ ନିଜ ନୈତିକତାର ସୁରକ୍ଷା କରିପାରିବ । ନିଜ ପରିଶ୍ରମ ଫଳରେ ତା'ର ନୈତିକ ଜ୍ଞାନ ଓ ନ୍ୟାୟର ପଥ ସୁଗମ ହୋଇ ପାରିବ । କୌଣସି ଛୋଟ ଛୋଟ ମତଭେଦ ବା ବିଦ୍ୱେଷର ଭାବ ମୈତ୍ରୀ ପଥରେ ବାଧା ସୃଷ୍ଟି କରିବ ନାହିଁ । ବରଂ ସେହି ଧରଣର ବିବାଦ ସେତେବେଳେ ମୈତ୍ରୀ ତଥା ଆପୋଷ ବୁଝାମଣାରେ ପ୍ରତିବନ୍ଧକ ସାଜିବ, ଯେତେବେଳେ ଈଶ୍ୱର ପ୍ରେରିତ କୌଣସି ଅବତାର ଓ ଐଶି ପୁସ୍ତକ ଉପରେ ଅସମ୍ମାନ ଓ କୁତ୍ସାରଟନା ପୂର୍ବକ ଆକ୍ରମଣ କରାଯିବ ।

ତେବେ ମୈତ୍ରୀ ପ୍ରେମୀ ବନ୍ଧୁମାନଙ୍କ ପାଇଁ ଖୁସିର ବିଷୟ ହେଉଛି, ଯେଉଁ ସଦ୍‌ଭାବନାର ଶିକ୍ଷା ଇସଲାମ ଧର୍ମରେ ରହିଛି, ବୈଦିକ ଶାସ୍ତ୍ରମାନଙ୍କର ବିଭିନ୍ନ ଭାଗରେ ସେହି ଶିକ୍ଷାର ଅବଶ୍ୟ ଉଲ୍ଲେଖ ରହିଛି । ଯଦିଓ ନୂତନ ଭାବେ ଉଦ୍ଭବ ଏକ ସଂପ୍ରଦାୟ ଆର୍ଯ୍ୟ ସମାଜ ଏହି ସିଦ୍ଧାନ୍ତ ରଖିଛି ଯେ ବେଦ ଉତ୍ତାରେ ଐଶୀବାଣୀ ପ୍ରକଟିତ ହେବାର ଦ୍ୱାର ଏକବାରକେ ବନ୍ଦ ହୋଇଯାଇଛି ତଥା ଈଶ୍ୱରଙ୍କ ସହିତ

ଯୋଗାଯୋଗ ବିଚ୍ଛିନ୍ନ ହୋଇ ସମସ୍ତ ଆଧ୍ୟାତ୍ମିକ ମାର୍ଗରେ ମୋହର ଲାଗି ଯାଇଛି । ମାତ୍ର ଯେଉଁ ହିନ୍ଦୁ ଧର୍ମରେ ସମୟ କ୍ରମେ ଅବତାରଗଣ ଜନ୍ମ ଗ୍ରହଣ କରିଛନ୍ତି ତଥା ସେମାନଙ୍କର କୋଟି କୋଟି ଅନୁଗାମୀ ଏହି ଦେଶରେ ଦେଖିବାକୁ ମିଳନ୍ତି, ସେମାନଙ୍କ ପ୍ରତି ହୋଇଥିବା ଦୈବି ପ୍ରକଟିତ ବାଣୀର ଦୁହାଇ ଦେଇ ସେମାନେ ଏହି ଅବରୁଦ୍ଧ ସଂପର୍କ ଜନିତ ମୋହରକୁ ଭାଙ୍ଗି ଦେଇଛନ୍ତି । ସେପରି ଜଣେ ମହାନ ଯଶସ୍ୱୀ ସନ୍ଥ ଆମ ଦେଶ ଭାରତ ଓ ବଙ୍ଗରେ 'ଶ୍ରୀକୃଷ୍ଣ' ନାମରେ ପରିଚିତ । ସେ ଜଣେ ଐଶିବାଣୀ ଗ୍ରହୀତା ହୋଇଥିବାରୁ ନିଜକୁ ଈଶ୍ୱରଙ୍କ ଦିବ୍ୟ ସ୍ୱରୂପ ଭାବରେ ପ୍ରତିପାଦିତ କରିଛନ୍ତି । ତାହାଙ୍କ ଅନୁଗାମୀମାନେ ଈଶ୍ୱର ପ୍ରେରିତ ବାର୍ତ୍ତାବହ ରୂପେ ତାଙ୍କୁ ଯେ କେବଳ ସ୍ୱୀକାର କରନ୍ତି ସେତିକି ନୁହେଁ, ବରଂ ତାଙ୍କୁ ସ୍ୱୟଂ ଈଶ୍ୱର ରୂପେ ମାନ୍ୟତା ଦେଇଥାନ୍ତି । ତେବେ ଏହା କହିବା ବାହୁଲ୍ୟ ଯେ ଶ୍ରୀକୃଷ୍ଣ ନିଜ ସମୟର ଈଶ୍ୱରଙ୍କ ପ୍ରତିନିଧିତ୍ୱ କରୁଥିବା ଅବତାରୀ ପୁରୁଷ ଥିଲେ ଓ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ।

ସେହିପରି ଭାବରେ ଅନ୍ତିମ ଯୁଗରେ ହିନ୍ଦୁ ଜାତି ମଧ୍ୟରେ 'ବାବା ନାନକ' ନାମରେ ଜଣେ ପ୍ରବାଦ ପୁରୁଷଙ୍କର ଆବିର୍ଭାବ ହୋଇଥିଲା । ଜଣେ ମହାନ ସନ୍ଥ ରୂପେ ଏହି ଦେଶରେ ତାଙ୍କର ସୁଖ୍ୟାତି ସର୍ବଜନ ବିଦିତ । ତାଙ୍କ ଅନୁଗାମୀଙ୍କ ସଂଖ୍ୟା କୋଡ଼ିଏ ଲକ୍ଷରୁ କମ ନୁହେଁ ଓ ସେମାନେ ଶିଖ୍ ନାମରେ ପରିଚିତ । ଗୁରୁବାବା ନାନକ ସ୍ୱରଚିତ ଜନମ ସାକ୍ଷୀ ତଥା ଗ୍ରନ୍ଥ ସାହେବ ମାନଙ୍କରେ ଖୋଲା ଖୋଲି ଭାବରେ ଦୈବି ବାଣୀ ପ୍ରାପ୍ତ କରୁଥିବାର ଦାବି କରିଛନ୍ତି । ଏପରିକି ସେ ନିଜର ଜନମ ସାକ୍ଷୀରେ ଲେଖିଛନ୍ତି, 'ମୋତେ ଈଶ୍ୱରଙ୍କ ନିକଟରୁ ଏପରି ଦିବ୍ୟ ବାଣୀ ମାଧ୍ୟମରେ ଜଣାଇ ଦିଆଯାଇଛି ଯେ ଇସଲାମ ଏକ ସତ୍ୟ ଧର୍ମ ।' ସେହି କାରଣ ଯୋଗୁଁ ସେ ହଜ୍ ମଧ୍ୟ କରିଥିଲେ । (ମକ୍କାକୁ ତୀର୍ଥ ଯାତ୍ରା - ଅନୁବାଦକ) । ତତ୍‌ସହିତ ସେ ଇସଲମର ସମସ୍ତ ନୀତି ନିୟମକୁ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରୁଥିଲେ । କୌଣସି ସଂଶୟ ବିନା ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ତାଙ୍କ ଦ୍ୱାରା ଅନେକ ଚମତ୍କାରୀତା ଓ ଅଲୌକିକ ନିଦର୍ଶନ ପ୍ରଦର୍ଶିତ ହୋଇଥିଲା । ନିଃସନ୍ଦେହରେ ଏହା କୁହାଯାଇପାରେ ଯେ ବାବା ନାନକ ଜଣେ ଅତ୍ୟନ୍ତ ପବିତ୍ର ସତ୍‌ପୁରୁଷ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ସେହି ପୁଣ୍ୟାତ୍ମାମାନଙ୍କ ମଧ୍ୟରେ ସେ ଅନ୍ତର୍ଭୁକ୍ତ ଥିଲେ, ଯେଉଁମାନଙ୍କୁ ଐଶ୍ୱର୍ଯ୍ୟମୟ ଈଶ୍ୱରଙ୍କ ପ୍ରତି ପ୍ରେମାସକ୍ତ ହେବାର ଦିବ୍ୟ ରସାମୃତ ପାନ କରିବାକୁ ଦିଆଯାଏ । ସେ କେବଳ ଏହାର ପ୍ରମାଣ

ଉପସ୍ଥାପନ କରିବାକୁ ଯାଇ ଏକ ହିନ୍ଦୁ ଘରେ ଜନ୍ମ ହୋଇଥିଲେ ଯେ ଇସଲାମ ଈଶ୍ୱରଙ୍କ ତରଫରୁ ଆସିଥିବା ମାନବୀୟ ଧର୍ମ । ସୁତରାଂ ପ୍ରାଚୀନ ସ୍ମୃତି ଚିହ୍ନ ସ୍ୱରୂପ 'ଡ଼େରା ନାନକ' ଠାରେ ମୁସଲିମ ମୂଳମନ୍ତ୍ର କଲିମା – 'ଲାଇଲାହା ଇଲ୍‌ଲଲ୍ଲାହୁ ମୁହମ୍ମଦୁର୍ ସୁଲୁଲ୍ଲାଃ' ଲେଖା ଯାଇଥିବାର ଯିଏ ଦେଖିଛି, ସେ ଏହା ହୃଦୟଙ୍ଗମ କରିବ ଯେ ଗୁରୁନାନକ ଏହି ବିଷୟର ଦୃଢ଼ ଭାବରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି ଯେ ଈଶ୍ୱର ଏକ ଓ ହଜରତ ମୁହମ୍ମଦ[ସଅ] ତାହାଙ୍କ ଦିବ୍ୟ ରସୁଲ (ବାର୍ତ୍ତାବହ) । ସେହିପରି ତାଙ୍କର ଅନେକ ଆଶୀର୍ବାଦ ସୂଚକ ଉପହାର ଫିରୋଜପୁର ଜିଲ୍ଲାର 'ଗୁରୁ ହେରା ସହାୟ' ଠାରେ ରଖାଯାଇଛି, ଯାହା ମଧ୍ୟରେ ପବିତ୍ର ଗ୍ରନ୍ଥ କୁରଆନ୍ ଖଣ୍ଡିଏ ମଧ୍ୟ ଦେଖିବାକୁ ମିଳିଥାଏ ।*

ତେଣୁ ଏହି ଦୃଷ୍ଟିରୁ ଦେଖିଲେ କାହା ମନରେ ଏହି କଥାର ସନ୍ଦେହ ସୃଷ୍ଟି ହୋଇପାରିବ ଯେ ବାବା ନାନକ ସାହେବ ନିଜର ପବିତ୍ର ମନ, ସ୍ୱଚ୍ଛ ହୃଦୟ, ନିର୍ମଳ ସ୍ୱଭାବ ତଥା ସଠିକ ଅନୁଧ୍ୟାନ ଦ୍ୱାରା ଏହି ଭେଦକୁ ଜାଣି ନେଇଥିଲେ, ଯାହା ପ୍ରକାଶ୍ୟ ପଣ୍ଡିତମାନଙ୍କ ପାଇଁ ଗୋପନ ରହସ୍ୟ ହୋଇ ରହିଗଲା । ସେ ନିଜ ପ୍ରତି ଐଶିବାଣୀ ପ୍ରକଟିତ ହେଉଥିବାର ଦାବି କରିବା ସହିତ ପ୍ରଭୁଙ୍କ ତରଫରୁ ନିଦର୍ଶନ ଓ ଚମତ୍କାରୀତା ଦେଖାଇ ଏହି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଖଣ୍ଡନ କରିଦେଲେ । ଯହିଁରେ ଏହି ତତ୍ତ୍ୱକୁ ଦର୍ଶାଯାଇଥିଲା ଯେ ବେଦର ପରବର୍ତ୍ତୀ ସମୟରେ ଅନ୍ୟ କୌଣସି ଐଶି ପୁସ୍ତକ ଅବତୀର୍ଣ୍ଣ ହୋଇନାହିଁ କି କୌଣସି ଦୈବି ଚିହ୍ନ ପ୍ରକାଶ ପାଉନାହିଁ । ନିଃସନ୍ଦେହରେ ଗୁରୁନାନକ ସାହେବଙ୍କ ଅସ୍ତିତ୍ୱ ହିନ୍ଦୁମାନଙ୍କ ସକାଶେ ଈଶ୍ୱରଙ୍କ ତରଫରୁ ଏକ କରୁଣାର ନୈବେଦ୍ୟ ହୋଇ ପ୍ରକଟିତ ହୋଇଥିଲା । ଏହା ଭାବିନିଅ ଯେ ହିନ୍ଦୁ ଧର୍ମର ଶେଷ ଅବତାର ରୂପେ ସେ ଧରାପୃଷ୍ଠକୁ ଆସିଥିଲେ । ଯେଉଁ ମହାପୁରୁଷ ହିନ୍ଦୁମାନଙ୍କ ହୃଦୟରେ ଇସଲାମ ପ୍ରତି ରହିଥିବା ଘୃଣା ଓ ବିଦ୍ୱେଷକୁ ଦୂର କରିବାର ପ୍ରୟାସ କରିଥିଲେ । କିନ୍ତୁ ଏହି ଦେଶର ଦୁର୍ଭାଗ୍ୟ ଯେ ହିନ୍ଦୁ ସଂପ୍ରଦାୟ ବାବା ନାନକଙ୍କ ଶିକ୍ଷାରୁ କୌଣସି ଲାଭ

---

* ଗୁରୁ ନାନକ୍‌ଜୀ ଯାତ୍ରା କରୁଥିବା ସମୟରେ ଯୁଆଡ଼େ ଯାଉଥିଲେ, ଖଣ୍ଡିଏ ଛୋଟ ଆକାରର କୁରଆନ ସାଙ୍ଗରେ ନେଇ ଯାଉଥିଲେ । ଏହାକୁ ଏକ ଛୋଟ ଥଳି ଭିତରେ ପୁରାଇ ସାରା ଜୀବନ ନିଜ ପାଖରେ ରଖିଥିଲେ । ଯାହା 'ହମୟାଲ୍' ନାମରେ ପରିଚିତ । କାରଣ ଐଶି ପୁରୁଷମାନେ ସଦାବେଳେ ଥଳିଟିଏ କାନ୍ଧରେ ଝୁଲାଇଥାନ୍ତି । (ପ୍ରକାଶକ)

ଉଠାଇଲେ ନାହିଁ । ବରଂ ହିନ୍ଦୁ ପଣ୍ଡିତମାନେ ତାଙ୍କୁ ଅନେକ ଯାତନା ଦେଲେ । ଯେହେତୁ ଗୁରୁନାନକ ଇସଲାମର ପ୍ରଶଂସାରେ ଶତମୁଖ ଥିଲେ । କାରଣ ସେ ହିନ୍ଦୁ ଓ ଇସଲାମ ଧର୍ମ ମଧ୍ୟରେ ଏକତା ଓ ସଂହତି ପ୍ରତିଷ୍ଠା କରିବାକୁ ଆସିଥିଲେ । ମାତ୍ର ବିଡ଼ମ୍ବନା ଏହିକି ଯେ ତାଙ୍କ ଶିକ୍ଷା ଓ ସଂସ୍କାର ପ୍ରତି କେହି ଧ୍ୟାନ ଦେଲେ ନାହିଁ ଓ ତାଙ୍କ ସଦ୍‌ଗୁରୁବାଣୀକୁ କେହି କର୍ଣ୍ଣପାତ କଲେ ନାହିଁ । ଯଦି ସେହି ପରମ ବ୍ୟକ୍ତିତ୍ୱ ଓ ତାଙ୍କ ଶାଶ୍ୱତ ଶିକ୍ଷାରୁ କୋଣସି ଲାଭ ହାସଲ କରାଯାଇ ଥାଆନ୍ତା, ତେବେ ଆଜି ହିନ୍ଦୁ ଓ ମୁସଲିମ ସମସ୍ତେ ଏକ ହୋଇଥାନ୍ତେ । କିନ୍ତୁ ହାୟ ! ଆମକୁ ଏହା ଭାବିଲା ବେଳକୁ କାନ୍ଦ ମାଡୁଛି ଯେ ଏପରି ମହାନ ସିଦ୍ଧପୁରୁଷ ଦୁନିଆକୁ ଆସିଲେ ଓ ଏଠାରୁ ମଧ୍ୟ ଚିର ବିଦାୟ ନେଇ ଚାଲିଗଲେ । ମାତ୍ର ଅଜ୍ଞାନୀ ଲୋକ ସେହି ଜ୍ୟୋତିର୍ମୟ ପୁରୁଷଙ୍କ ଠାରୁ କିଛି ହେଲେ ଦିବ୍ୟ ଚେତନାର ଆଲୋକ ପାଇପାରିଲେ ନାହିଁ ।

ତେବେ ସେ ଯାହା ହେଉ, ଏହି ବିଷୟକୁ ସେ ପ୍ରମାଣିତ କରି ଦେଖାଇଦେଲେ ଯେ ଦୈବିବାଣୀ ବା ঐଶି ମହିମାର କ୍ରମାଗତ ଧାରା କେବେ ବ୍ୟାହତ ହୁଏ ନାହିଁ । କରୁଣାକର ପ୍ରଭୁ ତାଙ୍କ ପୁଣ୍ୟ ଭକ୍ତଙ୍କ ମାଧ୍ୟମରେ ନିଜର ଅଲୌକିକ ଚିହ୍ନ ସର୍ବଦା ପ୍ରକାଶିତ କରିଥାନ୍ତି । ଏକଥାର ମଧ୍ୟ ସେ ସାକ୍ଷ୍ୟ ଦେଇଗଲେ ଯେ ଇସଲାମର ଶତ୍ରୁତା କରିବା ଏକ ପରମ ଜ୍ୟୋତି ସହିତ ଶତ୍ରୁତା କରିବା ସଙ୍ଗେ ସମାନ ।

ସୁତରାଂ ସେହି ପରମ ତତ୍ତ୍ୱ ସମ୍ବନ୍ଧରେ ମୁଁ (ହଜରତ ମିର୍ଜା ଗୁଲାମ ଅହମଦ) ମଧ୍ୟ ଏହି ଅଭିଜ୍ଞତା ହାସଲ କରିଛି ଯେ ঐଶି ବାଣୀ ଓ ଦିବ୍ୟ ପ୍ରକଟନ ଅବତୀର୍ଣ୍ଣ ହେବାର ପ୍ରବାହିତ ଧାରା ଏହି ଯୁଗରେ କଦାପି ବିଚ୍ଛିନ୍ନ ହୋଇନାହିଁ । ବରଂ ଈଶ୍ୱର ଯେପରି ପୂର୍ବରୁ କଥା କହୁଥିଲେ, ଏବେ ମଧ୍ୟ ନିଜ ଭକ୍ତଙ୍କ ସହିତ କଥା କହୁଛନ୍ତି । ଯେପରି ପୂର୍ବରୁ ଭକ୍ତର ଡାକ ଶୁଣୁଥିଲେ, ଏବେ ମଧ୍ୟ ସେହିପରି ଶୁଣୁଛନ୍ତି । ଏହା ନୁହେଁ ଯେ ଅତୀତର ପ୍ରାକୃତିକ ଭାବଧାରା ତଥା ନିୟମିତ ବିଧାନରେ ଏବେ ସାମୟିକ ଭାବେ ବିଚ୍ୟୁତି ଘଟିଛି । ମୁଁ ପ୍ରାୟତଃ ତିରିଶ ବର୍ଷ ହେଲା ଈଶ୍ୱରଙ୍କ ସହିତ ପ୍ରତ୍ୟକ୍ଷ ରୂପେ ବାର୍ତ୍ତାଳାପ ଓ ମଧୁର ସମ୍ଭାଷଣ ଦ୍ୱାରା ସମ୍ବୋଧିତ ହୋଇ ଆସିଛି, ଯାହାର ହଜାର ହଜାର ପ୍ରତ୍ୟକ୍ଷଦର୍ଶୀ ପ୍ରମାଣ ରୂପେ ସାକ୍ଷ୍ୟ ବହନ କରିଛନ୍ତି । ସେହିସବୁ ନିଦର୍ଶନଗୁଡ଼ିକ ବହୁଳ ଭାବରେ ପୁସ୍ତକ ତଥା ସମ୍ବାଦପତ୍ରମାନଙ୍କର ପ୍ରକାଶିତ ହୋଇ ପୃଷ୍ଠା ମଣ୍ଡନ କରିଛନ୍ତି । ସୁତରାଂ ଏପରି କୌଣସି ଜାତି କିମ୍ବା ସଂପ୍ରଦାୟ ନାହିଁ, ଯାହା କୌଣସି ଦୈବୀ ଚିହ୍ନ ପ୍ରକାଶିତ ହୋଇଥିବାର ସାକ୍ଷୀ ରୂପେ ଛିଡ଼ା ହୋଇନାହିଁ ।

ଏପରି ପ୍ରମାଣ ବାରମ୍ବାର ଦେଖାଯିବା ସତ୍ତ୍ୱେ ଓ ସକଳ ପ୍ରକାର ଐଶି ଚିହ୍ନର ସାକ୍ଷ୍ୟ ରହିଥିବା ସତ୍ତ୍ୱେ ଆର୍ଯ୍ୟ ସମାଜର ଶିକ୍ଷାରେ ବେଦ ସମ୍ବନ୍ଧରେ ଯେଉଁ ଭ୍ରମାତ୍ମକ ଧାରଣା ସୃଷ୍ଟି କରାଯାଇଛି, ତାହା ଆଦୌ ଗ୍ରହଣୀୟ ନୁହେଁ । ଯେପରି କୁହାଯାଇଛି ଯେ ସମସ୍ତ ଐଶିବାଣୀର ପ୍ରବାହ 'ବେଦ' ଠାରେ ସମାପ୍ତ ହୋଇଯାଇଛି । ଈଶ୍ୱରଙ୍କର ଆପଣା ଉକ୍ତ ସହିତ ନିରନ୍ତର ଭାବେ ହେଉଥିବା ବାର୍ତ୍ତା ବିନିମୟରେ ଯେପରି ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି । ଆର୍ଯ୍ୟମାନଙ୍କ ଧାରଣାରେ ବେଦ ଗ୍ରନ୍ଥ ରଚନା ହେବାର ପରବର୍ତ୍ତୀ କାଳରେ ଯାହାକିଛି ପୁସ୍ତକ ଈଶ୍ୱରଙ୍କ ବାକ୍ୟ ନାମରେ ପ୍ରଚଳିତ ହୋଇ ଆସିଛି, ସେ ସବୁ ମନଗଢା କାହାଣୀ ମାତ୍ର । ତାହା ସଂପୂର୍ଣ୍ଣ ମନୁଷ୍ୟକୃତ ତଥା କାଳ୍ପନିକ କଥାବସ୍ତୁ ଉପରେ ଆଧାରିତ । ଅନ୍ୟ ମତ ବା ପ୍ରମାଣକୁ ବିଶେଷ ଅନୁଧ୍ୟାନ ନକରି ନିଜକୁ ଠିକ ବୋଲି କହୁଥିବା ସେମାନଙ୍କର ଏହି ମତବାଦର ପରିଣତି ସ୍ୱରୂପ ବେଦ ପରେ ଆସିଥିବା ସମସ୍ତ ଧର୍ମ ପୁସ୍ତକକୁ ସେମାନେ କପୋଳ କଳ୍ପିତ ମନେକରି ପ୍ରତ୍ୟାଖ୍ୟାନ କରିଥାନ୍ତି । ସେମାନେ ଏହା ମାନିବାକୁ ପ୍ରସ୍ତୁତ ନୁହନ୍ତି ଯେ ଏହିସବୁ ଐଶ୍ୱରିକ ପୁସ୍ତକ ବେଦ ଅପେକ୍ଷା ବହୁ ଅଧିକ ଆଧ୍ୟାତ୍ମିକ ଜ୍ଞାନର ମୂଳ ଉତ୍ସ ରୂପେ ପ୍ରମାଣ ବହନ କରି ନିଜ ସତ୍ୟତାକୁ ପ୍ରତିପାଦନ କରନ୍ତି । ସେହି ଦିବ୍ୟ ପୁସ୍ତକଗୁଡ଼ିକ ସହିତ ଈଶ୍ୱରଙ୍କ ସମର୍ଥନ ଓ ସାହାଯ୍ୟର ହାତ ରହିଥାଏ । ସେମାନେ ନିଜ ସତ୍ୟତାର ପ୍ରମାଣ ସପକ୍ଷରେ ଈଶ୍ୱରଙ୍କ ତରଫରୁ ଅସାଧାରଣ ନିଦର୍ଶନର ସାକ୍ଷ୍ୟ ବହନ କରିଥାନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ପ୍ରଶ୍ନ ଉଠେ ଯେ ପୁଣି କେଉଁ ତର୍କ ଆଧାରରେ କେବଳ ବେଦ ହିଁ ଈଶ୍ୱରଙ୍କ ପ୍ରକଟିତ ବାଣୀ, କିନ୍ତୁ ଅନ୍ୟଗୁଡ଼ିକ ନୁହନ୍ତି ? ଈଶ୍ୱରଙ୍କ ମହିମା ତ ଅପାର । ସେ ଅନନ୍ତ, ଅସୀମ, ତାହାଙ୍କ ଅବସ୍ଥିତି ସୀମାତୀତ ଭାବରେ ପରିବ୍ୟାପ୍ତ । ତାହାଙ୍କ ଅସ୍ତିତ୍ୱର କଳ୍ପନା କରିବା ଅସମ୍ଭବ । ତେଣୁ ଏହା କହିବା ବିଜ୍ଞତାର ପରିଚୟ ହେବ ଯେ ପରମେଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ଦେବା ପାଇଁ କେବଳ ଗୋଟିଏ ଧର୍ମ ପୁସ୍ତକ ଯଥେଷ୍ଟ ନୁହେଁ । ତାଙ୍କର ବିଦ୍ୟମାନ ହେବାର ସ୍ପଷ୍ଟ ପରିପ୍ରକାଶ ଏକମାତ୍ର ଗ୍ରନ୍ଥରେ ସୀମିତ ହୋଇ ରହିନାହିଁ । ବରଂ ସେ ସମଗ୍ର ପୃଥିବୀର ବିଭିନ୍ନ ଦେଶରେ ଅବତାରଗଣଙ୍କୁ ଚୟନ କରି ସେମାନଙ୍କ ମାଧ୍ୟମରେ ନିଜ ଗୌରବର ପରାକାଷ୍ଠାକୁ ପ୍ରତିଫଳିତ କରିଥାନ୍ତି । ସେମାନଙ୍କୁ ଐଶିବାଣୀ ପ୍ରାପ୍ତ ହୋଇଥିବାରୁ ସେମାନେ ଆଧ୍ୟାତ୍ମିକ ଆଶୀର୍ବାଦର ଝରଣା ହୋଇ ପୃଥିବୀ ପୃଷ୍ଠକୁ ପ୍ରାଣସିକ୍ତ କରନ୍ତି । ଈଶ୍ୱରଙ୍କ ସହିତ ଘନିଷ୍ଠ ସଂପର୍କ ରକ୍ଷା କରି ସେହି ପ୍ରେରିତଗଣ

ଭାବ ବିନିମୟ ଦ୍ୱାରା ପରମାତ୍ମାଙ୍କ ଠାରୁ ସୁସମ୍ବାଦ ଲାଭ କରନ୍ତି, ଯଦ୍ଧାରା ଧରାଧାମରେ ଈଶ୍ୱରଙ୍କ ପରମ ସତ୍ତା ଅନୁଭୁତ ହୁଏ । ଏହି ଦିବ୍ୟ ଅନୁଭବ ହାସଲ କରିବାର ଏଥିଯୋଗୁଁ ପ୍ରୟାସ କରାଯାଏ, ଯଦ୍ଧାରା ସ୍ୱଭାବତଃ ଦୁର୍ବଳ ମାନସିକତା ଓ ସରଳ ବିଶ୍ୱାସ ଯୋଗୁଁ ଶୀଘ୍ରାତିଶୀଘ୍ର ସନ୍ଦେହ ଘେରରେ ପଡ଼ିଯିବାର ସମ୍ଭାବନା ଥିବା ମନୁଷ୍ୟ ଈଶ୍ୱରଙ୍କ ସତ୍ୟକୁ ଗ୍ରହଣ କରିବାର ସୌଭାଗ୍ୟରୁ ଯେପରି ବଞ୍ଚିତ ରହି ନଯିବ ।

ସାଧାରଣତଃ ହତାହିତ ଜ୍ଞାନ ଥିବା ବ୍ୟକ୍ତି ଏହି କଥାକୁ କଦାପି ଗ୍ରହଣ କରିବାକୁ ପ୍ରସ୍ତୁତ ହେବନାହିଁ ଯେ ସେହି ବିଶ୍ୱ ନିୟନ୍ତା ଯିଏ ସର୍ବାଧୀଶ୍ୱର ପ୍ରଭୁ, ଯାହାଙ୍କ ଜ୍ୟୋତିର୍ମୟ ସୂର୍ଯ୍ୟର କିରଣ ଦ୍ୱାରା ସେ ପୂର୍ବ ଓ ପଶ୍ଚିମକୁ ଆଲୋକିତ କରିଥା'ନ୍ତି ଓ ତତ୍‌ସହିତ ତାହାଙ୍କ ଅଜସ୍ର ବଦାନ୍ୟତାର ବାରିଧାରା ତୃଷାର୍ତ୍ତ ଧରଣୀ ବକ୍ଷକୁ ଶୀତଳ କରିଦିଏ, ତେବେ ସେ ଈଶ୍ୱର କିପରି (ଅଲ୍ଲାଃ କ୍ଷମା କରନ୍ତୁ) ଆଧ୍ୟାତ୍ମିକ ଓ ନୈତିକ ସଂସ୍କାରର ଆବଶ୍ୟକତା ଥିବା ସମୟରେ କୃପଣତା ଦେଖାଇ ସବୁବେଳେ ଗୋଟିଏ ଦେଶ, ଗୋଟିଏ ଜାତି ତଥା ଏକମାତ୍ର ଭାଷା ପ୍ରତି ସମର୍ଥନ ଜଣାଇ ପକ୍ଷପାତିତା ସୃଷ୍ଟି କରୁଛନ୍ତି ? ଯେଉଁ ଭାଷା ତାଙ୍କୁ ହିଁ କେବଳ ପସନ୍ଦ ଆସିପାରୁଛି ଅଥଚ ଅନ୍ୟ କୌଣସି ଭାଷା ବା ଜାତି ତାଙ୍କୁ କିପରି ଦେଖାଯାଉନାହିଁ ? ମୁଁ ବୁଝିପାରୁ ନାହିଁ, ଏହା କିପରି ଯୁକ୍ତି ଯୁକ୍ତ ଓ ତର୍କ ଉପରେ ଆଧାରିତ ଯେ ପରମେଶ୍ୱର ଏକପକ୍ଷେ ପ୍ରତ୍ୟେକ ବ୍ୟକ୍ତିର ଦୁଆ ଓ ପ୍ରାର୍ଥନାକୁ ତାହାରି ମାତୃଭାଷାରେ ତ ବୁଝି ପାରନ୍ତି ଓ ଏଥିପାଇଁ ଅସନ୍ତୋଷ ପ୍ରକାଶ କରନ୍ତି ନାହିଁ, ମାତ୍ର ଅନ୍ୟପକ୍ଷେ ଏହି କଥାରେ ତୀବ୍ର ଘୃଣା ଭାବ ରଖନ୍ତି ଯେ କେବଳ ବୈଦିକ ଭାଷା 'ସଂସ୍କୃତ' କୁ ଛାଡ଼ି ଦେଲେ ଅନ୍ୟ କୌଣସି ଭାଷାରେ ନିଜର ଦିବ୍ୟ ବାଣୀକୁ ହୃଦୟରେ ଅବତୀର୍ଣ୍ଣ କରାନ୍ତି ନାହିଁ ? ସୁତରାଂ ବେଦ ସଂବନ୍ଧରେ ଏହି ଯୁକ୍ତି ଏକ ଗୋପନ ରହସ୍ୟା ବୃତ୍ତ ତତ୍ତ୍ୱ ହୋଇ ରହି ଆସିଛି, ଯାହାର କେହି ଆଜି ପର୍ଯ୍ୟନ୍ତ ସମାଧାନ କରିବାକୁ ସମର୍ଥ ହୋଇ ନାହାନ୍ତି ?

ମୁଁ ବ୍ୟକ୍ତିଗତ ଭାବେ ବେଦକୁ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ଓ ଆରୋପରୁ ଦୋଷମୁକ୍ତ ବୋଲି ବିଚାର କରୁଛି । ଯେହେତୁ ସେହି ଗ୍ରନ୍ଥରେ ଏପରି ଶିକ୍ଷାର ଉଲ୍ଲେଖ କରାଯାଇ ନଥିବ ଯେ ଉପରୋକ୍ତ ବିଷୟରେ ପରମେଶ୍ୱର କେବେ କାର୍ପଣ୍ୟ ଦେଖାଇଥିବେ । ଯାହା କରିବା କେବଳ ମନୁଷ୍ୟ ବୁଦ୍ଧିର ପରିପନ୍ଥୀ ନୁହେଁ, ବରଂ ତାହାଙ୍କ ପବିତ୍ର ଅସ୍ତିତ୍ୱ ଉପରେ କୃପଣ ଭାବ ଓ ପକ୍ଷପାତୀତା ଜନିତ

କଳଙ୍କର ଦାଗ ଲାଗିବ । କିନ୍ତୁ ବାସ୍ତବିକତା ହେଉଛି, ଯେତେବେଳେ କୌଣସି ଐଶି ପୁସ୍ତକ ଉପରେ ଏକ ଦୀର୍ଘ ସମୟ ବିତିଯାଏ, ସେତେବେଳେ ତାକୁ ଅନୁସରଣ କରୁଥିବା ଲୋକମାନେ ଅଜ୍ଞାନତା ବଶତଃ ହେଉ ଅଥବା କୌଣସି ସ୍ୱାର୍ଥ ସିଦ୍ଧି ପାଇଁ, ସେହି ପୁସ୍ତକ ମଧ୍ୟରେ ଜାଣିଶୁଣି କିମ୍ବା ଅଜାଣତରେ ନିଜଆଡ୍ରୁ ଟୀକା ଟିପ୍ପଣୀମାନ ଯୋଗ କରିଦିଅନ୍ତି । ସେହି ଅଧିକ ବ୍ୟାଖ୍ୟା ଯୋଗ କରୁଥିବା ବ୍ୟକ୍ତିମାନଙ୍କର ଭିନ୍ନ ଭିନ୍ନ ମତ ଓ ଧାରଣା ରହିଥାଏ । ସେଥିପାଇଁ ଗୋଟିଏ ଧର୍ମ ବା ସଂପ୍ରଦାୟରୁ ଶତାଧିକ ଧାର୍ମିକ ଗୋଷ୍ଠୀର ଉଦ୍ଭବ ହୋଇଥାଏ ।

ଏହା ମଧ୍ୟ ଆମକୁ ଆଶ୍ଚର୍ଯ୍ୟରେ ପକାଇଦିଏ ଯେ ଆର୍ଯ୍ୟ ସମାଜୀ ବିଶ୍ୱାସ କରନ୍ତି ଯେ ଦୈବିବାଣୀ ଅବତୀର୍ଣ୍ଣ ହେବା କେବଳ ଆର୍ଯ୍ୟ ପରିବାର ଓ ସଂପ୍ରଦାୟ ମଧ୍ୟରେ ସୀମାବଦ୍ଧ ରହିଥିଲା ଏବଂ ବୈଦିକ ଭାଷା ଅର୍ଥାତ କେବଳ ସଂସ୍କୃତ ହିଁ ଐଶି ପ୍ରକଟନ ପାଇଁ ନିର୍ଦ୍ଧାରିତ ହୋଇଥିଲା । ତେଣୁ ତାହା ପରମେଶ୍ୱରଙ୍କ ମୁଖନିଃସୃତ ଭାଷା ରୂପେ ମାନ୍ୟତା ହାସଲ କରିଛି । ତଦନୁରୂପ ଇହୁଦିମାନଙ୍କର ମଧ୍ୟ ଏହି ଚିନ୍ତାଧାରା ତାଙ୍କ ଧର୍ମପୁସ୍ତକ ସମ୍ବନ୍ଧରେ ରହିଛି । ତାଙ୍କ ଦୃଷ୍ଟିରେ ମଧ୍ୟ ଈଶ୍ୱରଙ୍କ ଭାଷା ହେଉଛି ଇବରାନୀ ଏବଂ ସଦା ସର୍ବଦା ଐଶିବାଣୀର ପରମ୍ପରା କେବଳ ଇସ୍ରାଇଲୀୟ ଜାତି ଓ ସେମାନଙ୍କ ଦେଶ ପର୍ଯ୍ୟନ୍ତ ସୀମିତ ରହିଥିଲା । ସେଥିପାଇଁ ଯେଉଁ ବ୍ୟକ୍ତି ସେହି ସଂପ୍ରଦାୟର ବଂଶ, ଭାଷା ଓ ସଂସ୍କୃତି ଠାରୁ ଅଲଗା ହୋଇଯିବା ସ୍ଥିତିରେ ନବୀ ହେବାର ଦାବି କରେ, ସେ ଜଣେ ମିଥ୍ୟାବାଦୀ (ଅଲ୍ଲାଃ କ୍ଷମା କରନ୍ତୁ) ବୋଲି ସେମାନଙ୍କର ଧାରଣା ରହିଛି ।

କଣ ଏହା ବିଚିତ୍ର ସଂଯୋଗ ନୁହେଁ ଯେ ଉଭୟ ଧର୍ମାବଲମ୍ବୀ ସେହି ସମାନ ପଥକୁ ଅନୁସରଣ କରିଛନ୍ତି, ଯାହା ସେମାନଙ୍କ ଧର୍ମନୀତିରେ ରହିଥିବା ଦୃଢ଼ ଧାରଣାକୁ ପ୍ରତିପାଦନ କରୁଛି ? ଠିକ ସେହିପରି ଅନ୍ୟାନ୍ୟ କେତେକ ଧର୍ମର ଅନୁଗାମୀ ମଧ୍ୟ ଏହି ମତକୁ ସ୍ୱାଗତ କରିଛନ୍ତି । ଯେପରିକି ଜୋରାଷ୍ଟ୍ରିଆନ ବା ପାରସୀ ଧର୍ମର ଲୋକ ଏହା ଦାବି କରନ୍ତି ଯେ ତାଙ୍କ ନିଜ ଧର୍ମର ମୂଳଭିତ୍ତି ବୈଦିକ ଧର୍ମ ଆସିବାର ବହୁ ପୂର୍ବରୁ ପଡ଼ିଥିଲା । ଏଥିରୁ ଜଣାପଡୁଛି ଯେ ଏହି ଧାରଣା (ଯେପରିକି ଚିର ଦିନ ପାଇଁ ନିଜ ଦେଶ, ବଂଶ ଓ ନିଜ ଧର୍ମଗ୍ରନ୍ଥ ଲିଖିତ ଭାଷାକୁ ହିଁ ଐଶିବାଣୀର ମୂଳଭାଷା ରୂପେ ସିଦ୍ଧ କରିବା) ଏକ ଅଯୌକ୍ତିକ ଓ ଅଜ୍ଞାନତାର କାରଣ ରୂପେ ବିବେଚିତ ହେବ । ଅନ୍ୟ ଏକ ବିଷୟ ମଧ୍ୟ ଏହି ଅସିଦ୍ଧ ଧାରଣାକୁ ଅଧିକ ପ୍ରବର୍ତ୍ତାଉଛି ଯେ ଅତୀତର ଅନ୍ଧକାରମୟ ଯୁଗରେ ଗୋଟିଏ ଜାତି ଅନ୍ୟ

ଏକ ଜାତି ଠାରୁ ଓ ଗୋଟିଏ ଦେଶ ଅନ୍ୟ ଗୋଟିଏ ଦେଶର ଅବସ୍ଥିତି ଠାରୁ ସଂପୂର୍ଣ୍ଣ ଅଜ୍ଞାତ ଅବସ୍ଥାରେ ଓ ଅପରିଚିତ ହୋଇ ରହିଥିଲା । ସୁତରାଂ ଏପରି ଜ୍ଞାନର ଅଭାବ ଯୋଗୁଁ ହୋଇଥିବା ଭୁଲ ସକାଶେ ପ୍ରତ୍ୟେକ ଜାତି ପାଇଁ ଯେତେବେଳେ କୌଣସି ଧର୍ମ ପୁସ୍ତକ କିମ୍ବା ଈଶ୍ୱର ପ୍ରେରିତ ବାର୍ତ୍ତାବହ ବା ଅବତାର ଆସିଲେ, ସେତେବେଳେ ସେହି ଜାତି ଏହା ଭାବି ନେଲା ଯେ ଯାହା କିଛି ଧର୍ମଶିକ୍ଷା ଈଶ୍ୱରଙ୍କ ନିକଟରୁ ଆସିଛି, ତାହା କେବଳ ସେମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ସେହି ସତଶିକ୍ଷା ମୂଳକ ଧର୍ମୋପଦେଶ ଇତ୍ୟାଦିକୁ ପୁସ୍ତକ ଆକାରରେ ଗଚ୍ଛିତ କରାଯାଇ ତାହା କେବଳ ସେମାନଙ୍କ ଦେଶ କିମ୍ବା ସଂପୃକ୍ତ ଅଂଚଳ ମଧ୍ୟରେ ଆବଦ୍ଧ କରି ରଖାଗଲା, ଯାହା ସେମାନଙ୍କ ଭାଷା ମାଧ୍ୟମରେ ଈଶ୍ୱରଙ୍କ ତରଫରୁ ପ୍ରଦାନ କରାଯାଇଛି । ପୁଣି ଅବଶିଷ୍ଟ ଦୁନିଆ ଦୁର୍ଭାଗ୍ୟବଶତଃ ସେହି ଆଶୀର୍ବାଦରୁ ବଞ୍ଚିତ ହୋଇ ରହିଯାଇଛି ।

ତେବେ ଏହି ଭ୍ରମାତ୍ମକ ଧାରଣା ପୃଥିବୀକୁ ବହୁତ କ୍ଷତି ପହଞ୍ଚାଇଛି । ବାସ୍ତବରେ ଦେଖିବାକୁ ଗଲେ ଏହା ମନୁଷ୍ୟ ସମାଜର ପରସ୍ପର ମଧ୍ୟରେ ଶତ୍ରୁତା ଓ ବିଦ୍ୱେଷ ଭାବକୁ ଜନ୍ମ ଦେଇଛି, ଯାହା ସେଥିପାଇଁ ଏକ ବୀଜ ସଦୃଶ ଅଙ୍କୁରୋଦ୍‌ଗମ ରୂପେ କାର୍ଯ୍ୟ କରିଛି ଓ କ୍ରମେ ଦିନକୁ ଦିନ ଏହା ଦ୍ୱାରା ପାରସ୍ପରିକ ବିବାଦ ବୃଦ୍ଧି ପାଇବାରେ ଲାଗିଛି । ଏହା ହେବାର ଭୌଗଳିକ ଦୃଷ୍ଟି କୋଣରୁ କାରଣ ହେଉଛି, ଯୁଗ ଯୁଗ ଧରି ଗୋଟିଏ ଜାତି ଅନ୍ୟ ଜାତିଠାରୁ ପରଦାର ଆଢୁଆଳରେ ଲୁଚି ରହିଥିଲା । ଗୋଟିଏ ଦେଶ ଅନ୍ୟ ଏକ ଦେଶ ଠାରୁ ଅପରିଚିତ ଓ ଅନାମଧେୟ ହୋଇ ପ୍ରଚ୍ଛନ୍ନତାର ଆବରଣ ତଳେ ସଂପର୍କ ବିଛିନ୍ନ କରି ରହିଗଲେ । ଏପରିକି ଆର୍ଯ୍ୟାବର୍ତ୍ତ ବିଦୁଷୀମାନଙ୍କର ଏହି ବିଶ୍ୱାସ ଥିଲା ଯେ ହିମାଳୟ ଆରପଟେ କୌଣସି ଜନବସତି ନାହିଁ ।

ପୁଣି ଯେବେ ଈଶ୍ୱର ଅଜଣା ଦୁନିଆ ଓ ଦୂରତ୍ୱର ପରଦାକୁ ମଝିରୁ ଉଠାଇ ଦେଲେ ତଥା ପୃଥିବୀର ଜନବସତି ସମ୍ବନ୍ଧରେ ଲୋକମାନଙ୍କ ଜ୍ଞାନରେ ବିକାଶ ଘଟିଲା, କିନ୍ତୁ ସେତେବେଳକୁ ସେମାନଙ୍କ ଆଚରଣରେ ଉନ୍ନତି ଆଣିବାରେ ବହୁ ଅଧିକ ବିଳମ୍ବ ହୋଇଯାଇଥିଲା । ସମସ୍ତ ପ୍ରକାର ମିଥ୍ୟା ପ୍ରଭେଦ ଗତ ଧର୍ମଧାରଣା ଯାହା ଲୋକମାନେ ସେମାନଙ୍କ ଧର୍ମ ପୁସ୍ତକ, ଆଧ୍ୟାତ୍ମିକତା ଯାହା ସେମାନେ ନିଜର ଋଷି, ମୁନି ତଥା ଅବତାରମାନଙ୍କ ସମ୍ବନ୍ଧରେ ପୋଷଣ କରିଥିଲେ, ସେଥିରେ ସେମାନଙ୍କ ମନଗଢ଼ା ତତ୍ତ୍ୱ ପ୍ରବେଶ କରି ଯାଇଥିଲା । ଏହି ବିଶ୍ୱାସ

ସେମାନଙ୍କ ହୃଦୟରେ ପଥର ଚଟାଣ ଉପରେ ଖୋଦେଇ ହେବା ପରି ଶକ୍ତ ଭାବରେ ଅଙ୍କିତ ହୋଇ ଯାଇଥିଲା । ଏହାର ଫଳ ସ୍ୱରୂପ ପ୍ରତ୍ୟେକ ଜାତି ଏହି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଥିଲେ ଯେ ଈଶ୍ୱରୀୟ ସାମ୍ରାଜ୍ୟର କେନ୍ଦ୍ରଭୂମି ସର୍ବଦା ତାଙ୍କରି ଦେଶରେ ହିଁ ଅବସ୍ଥାପିତ ହୋଇ ରହି ଆସିଛି । ଯେହେତୁ ସେହି ଦିନମାନଙ୍କର ଅଧିକାଂଶ ଜାତିର ଲୋକଙ୍କ ଠାରେ ପାଶବିକ ପ୍ରବୃତ୍ତି ରାଜୁତି କରୁଥିଲା ଓ ଏକ ପୁରାତନ ପ୍ରଥାକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଖଣ୍ଡା ତରବାରୀରେ ଜବାବ ଦିଆଯାଉଥିଲା । ତେଣୁ କାହାର ଏହା ସାଧ ନଥିଲା ଯେ ପ୍ରତ୍ୟେକ ସଂପ୍ରଦାୟର ମନମୁଖୀ କାର୍ଯ୍ୟକଳାପ ତଥା ଔଦ୍ଧତ୍ୟକୁ ଶାନ୍ତ କରାଇ ସେମାନଙ୍କ ମଧ୍ୟରେ ମୈତ୍ରୀ ସ୍ଥାପନ କରିପାରିବ ।

ସୁତରାଂ ଗୌତମ ବୁଦ୍ଧ ମଧ୍ୟ ଏହିପରି ମୈତ୍ରୀ ଓ ସାମାଜିକ ତଥା ଧର୍ମୀୟ ସୁଧାର କରିବାର ଦୃଢ ଇଚ୍ଛା ପୋଷଣ କରିଥିଲେ । କିନ୍ତୁ ସେ ବେଦ ସର୍ବସ୍ୱ ଚିନ୍ତାଧାରା ରଖି ନଥିଲେ, ଯେପରି ସବୁକିଛି ବେଦ ଉପରେ ପର୍ଯ୍ୟବସିତ ଓ ଯେମିତି ବେଦ ଉତ୍ତାରେ ଆଉ କିଛି ନାହିଁ । ତାଙ୍କର ନା ଜାତି, ଦେଶ ଓ ବଂଶ ପରମ୍ପରା ଗତ ପ୍ରାଧାନ୍ୟ ଉପରେ ବିଶ୍ୱାସ ଥିଲା, ଅର୍ଥାତ ସେ ଏହି କଥାରେ ଆଦୌ ସହମତି ପ୍ରକାଶ କରି ନଥିଲେ ଯେ ବେଦ ହିଁ ସବୁକିଛି ଓ ସମସ୍ତେ ସେହି ଗ୍ରନ୍ଥ ଉପରେ ନିର୍ଭରଶୀଳ । ପୁନଶ୍ଚ ଏହି ଭାଷା, ଏହି ଦେଶ ଓ ବିଶେଷ ରୂପେ ବ୍ରାହ୍ମଣମାନେ ସ୍ଥାୟୀ ଭାବରେ ପରମେଶ୍ୱରଙ୍କ ଦିବ୍ୟବାଣୀକୁ ଗ୍ରହଣ କରିବା ପାଇଁ ସତେ ଯେପରି ଚିରଦିନ ସକାଶେ ଈଶ୍ୱରଙ୍କ ଅଦାଲତରେ ରେଜେଷ୍ଟ୍ରିଭୁକ୍ତ ହୋଇ ଯାଇଥିଲେ । ସୁତରାଂ ଏପରି ରକ୍ଷଣଶୀଳ ଧର୍ମାନ୍ଧ ବ୍ୟକ୍ତିଙ୍କ ମଧ୍ୟରେ ଏତାଦୃଶ ପ୍ରବଳ ମତଭେଦ ଓ ଟଣା ଓଟରା ତାଙ୍କ ହୃଦୟକୁ ଗଭୀର ରେଖାପାତ କରିଥିଲା । ଏଥିରେ ମର୍ମାହତ ହୋଇ ସେ ହିନ୍ଦୁ ମୌଳବାଦୀଙ୍କ ବିରୁଦ୍ଧରେ ଦୃଢ ସ୍ୱର ଉତ୍ତୋଳନ କରିଥିଲେ । ଏହାର ପରିଣାମ ସ୍ୱରୂପ ତାଙ୍କୁ ଏକ ନାସ୍ତିକବାଦୀର ଆଖ୍ୟା ଦିଆଗଲା । ବୁଦ୍ଧଦେବଙ୍କ ଅବସ୍ଥା ଏପରି ମଧ୍ୟ ତୁଳନୀୟ, ଠିକ୍ ଯେପରି ଆଜିକାଲି ୟୁରୋପ ଆମେରିକାର ଖ୍ରୀଷ୍ଟ ଗବେଷକ ଯୀଶୁ ମସିହଙ୍କର ଈଶ୍ୱର ତତ୍ତ୍ୱକୁ ସ୍ୱୀକାର କରନ୍ତି ନାହିଁ । ସେମାନଙ୍କ ହୃଦୟ ଏକଥା ମାନିବାକୁ ଆଦୌ ପ୍ରସ୍ତୁତ ନୁହେଁ ଯେ ପ୍ରଭୁକୁ ମଧ୍ୟ ଶୁଳି ଉପରେ ଚଢ଼ାଇ କ୍ରୁଶବିଦ୍ଧ କରାଯାଇପାରେ । ସେଥିପାଇଁ ଖ୍ରୀଷ୍ଟିୟାନ ପାଦ୍ରୀଙ୍କ ଦୃଷ୍ଟିରେ ଏପରି ବିଚାର ରଖୁଥିବା ବ୍ୟକ୍ତିମାନେ ନାସ୍ତିକାବାଦୀ ।

ତେଣୁ ଏହିପରି ଭାବରେ ଗୌତମ ବୁଦ୍ଧ ମଧ୍ୟ ଜଣେ ନାସ୍ତିକବାଦୀ ରୂପେ ପରିଗଣିତ ହେଲେ । ଯେହେତୁ ସାଧାରଣ ଜନତାଙ୍କ ମଧ୍ୟରେ ଘୃଣାଭାବ ଖେଳାଇବା ବିରୁଦ୍ଧାଚରଣକାରୀ ଦୁଷ୍ଟ ଲୋକଙ୍କ ଅଭ୍ୟାସ, ତେଣୁ ସେମାନେ ମହାତ୍ମା ବୁଦ୍ଧଙ୍କ ଉପରେ ନାନାଦି ଲାଞ୍ଛନା ଲଗାଇବା ସ୍ୱାଭାବିକ । ତାଙ୍କୁ ହିନ୍ଦୁ ବିରୋଧୀ ହୋଇଥିବାର ଅନେକ ପ୍ରକାର ଅପବାଦ ଦିଆଯିବା ଫଳରେ ଅବସ୍ଥା ଏପରି ଅସମ୍ଭାଳ ଏହି ପଡ଼ିଲା ଯେ ତାଙ୍କୁ ନିଜ ମାତୃଭୂମି ଆର୍ଯ୍ୟାବର୍ତ୍ତରୁ ନିଷ୍କାସିତ ହେବାକୁ ପଡ଼ିଲା । ହିନ୍ଦୁ ଲୋକମାନେ ଅଦ୍ୟାବଧି ବୌଦ୍ଧ ଧର୍ମ ଓ ଏହାର ସଫଳତାକୁ ଅତ୍ୟନ୍ତ ଘୃଣା ଚକ୍ଷୁରେ ଦେଖୁଛନ୍ତି । ମାତ୍ର ଏହି ସନ୍ଦର୍ଭରେ ଯୀଶୁ କହିଛନ୍ତି : **ଅବତାର ନିଜ ଦେଶରେ ସମ୍ମାନ ପାଏ ନାହିଁ ।** (ମାଥିଉ ୧୩:୫୭ ଓ ମାର୍କ ୬:୪ ଦ୍ରଷ୍ଟବ୍ୟ) ସୁତରାଂ ବୁଦ୍ଧ ଅନ୍ୟ ଦେଶକୁ ଚାଲିଯାଇ ଧର୍ମ ପ୍ରଚାର କ୍ଷେତ୍ରରେ ଅନେକ ସଫଳତା ଅର୍ଜନ କରିଥିଲେ । ଯେପରି ଉଲ୍ଲେଖ ଅଛି ଯେ ପୃଥିବୀର ଏକ ତୃତୀୟାଂଶ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ଯାଇଥିଲେ । ତେବେ ଏହି ଧର୍ମର ଅନୁଗାମୀ ବହୁଳ ଭାବରେ ଚୀନ ଓ ଜାପାନ ଦେଶରେ ଦେଖାଯାଆନ୍ତି । ଅଧିକନ୍ତୁ ଏହା ଋଷିଆ ଓ ଆମେରିକା ପର୍ଯ୍ୟନ୍ତ ମଧ୍ୟ ପ୍ରସାର ଲାଭ କରିଛି ।

ଏବେ ଆମେ ଅସଲ ବିଷୟକୁ ଫେରି ଆସିବା । ଆମେ ସେହି ଯୁଗ ସମ୍ବନ୍ଧରେ ଆଲୋଚନା କରିବା, ଯେତେବେଳେ ଗୋଟିଏ ଧର୍ମ ଅନ୍ୟ ଏକ ଧର୍ମର ଅସ୍ତିତ୍ୱ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିଲା । ତେଣୁ ଏପରି ଅଜ୍ଞାତ ସ୍ଥିତିରେ ଏହା ହେବା ସ୍ୱାଭାବିକ ଯେ ପ୍ରତ୍ୟେକ ଜାତି ଓ ସଂପ୍ରଦାୟର ଲୋକ ସ୍ୱ ସ୍ୱ ଧର୍ମ ଓ ଧର୍ମ ପୁସ୍ତକକୁ ତାଙ୍କର ଏକମାତ୍ର ଗଣ୍ଠି ଧନ ବୋଲି ବିବେଚନା କରିଥିଲେ । କିନ୍ତୁ କାଳକ୍ରମେ ଯେତେବେଳେ ବୌଦ୍ଧିକ ଜ୍ଞାନର ବିକାଶ ଘଟିଲା ଓ ମନୁଷ୍ୟ ଭୌଗଳିକ ଅବସ୍ଥିତିକୁ ଅନୁଧ୍ୟାନ କଲା, ସେତେବେଳେ ଗୋଟିଏ ଦେଶ ଅନ୍ୟ ଏକ ଦେଶ ସହିତ ଯୋଡ଼ି ହେବାକୁ ବସିଲା । ଫଳରେ ସେମାନଙ୍କର ଏହି ଏକାନ୍ତ ବିଚାରଧାରା ଜନିତ ଆସ୍ଥା ଓ ବିଶ୍ୱାସକୁ ସେମାନେ ହରାଇ ବସିଲେ । ବିଭିନ୍ନ ସଂପ୍ରଦାୟ ପରସ୍ପର ମଧ୍ୟରେ ଧର୍ମୀୟ ତତ୍ତ୍ୱ ସହିତ ପରିଚିତ ହେବା ଫଳରେ ସେହି ରଢ଼ିବାଦ ଚିନ୍ତାଧାରା ସଂପନ୍ନ ଲୋକମାନେ ପରସ୍ପରକୁ ସମର୍ଥନ କରିବା ବିଷୟରେ ଅସ୍ୱୀକୃତ ପ୍ରମାଣ ଦେବା କଷ୍ଟକର ହୋଇପଡ଼ିଲା । ଈଶ୍ୱରଙ୍କ ଉପରେ ଏପରି ଏକଚାଟିଆ ଅଧିକାର ଜମାଇବାର ଯେଉଁ ପରମ୍ପରା ରହି ଆସିଥିଲା, ତାହା ପାରସ୍ପରିକ ବୁଝାମଣା ଓ

ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରିବା କ୍ଷେତ୍ରରେ ଏକ ବିରାଟ ପ୍ରତିବନ୍ଧକ ହୋଇ ଛିଡ଼ା ହେଲା । ସେଥିପାଇଁ ପ୍ରତ୍ୟେକ ସଂପ୍ରଦାୟର ଅନୁଗାମୀ ଅନ୍ୟ ଧର୍ମର ଅନୁଗାମୀଙ୍କୁ ନିକୃଷ୍ଟ ଓ ହେୟ ଜ୍ଞାନ କରି ତାକୁ ହୁଏତ ରଦ୍ଦ କରିଦେଲେ ନତୁବା ନିଜ ଧର୍ମକୁ ଅନ୍ୟ ଦେଶର ଲୋକ ସମ୍ମତି ପ୍ରଦାନ କରନ୍ତୁ ବୋଲି ଆଶା ରଖିଲେ । ଯୁଗ ଯୁଗ ଧରି ପ୍ରଚଳିତ ହୋଇ ଆସୁଥିବା ଧର୍ମଗୁଡ଼ିକର ତତ୍ତ୍ୱ ସମ୍ବନ୍ଧରେ ଯେପରି ଅତିରଞ୍ଜିତ କରି କାବ୍ୟଗ୍ରନ୍ଥ ରୂପେ ପ୍ରସ୍ତୁତ କରାଯାଇଥିଲା, ସେଥିରୁ ମୁକ୍ତି ପାଇବା ଏତେ ସହଜ ନଥିଲା । ତେଣୁ ପ୍ରତ୍ୟେକ ଧର୍ମର ଅନୁସରଣକାରୀ ଅନ୍ୟଟିକୁ ତୀବ୍ର ବିରୋଧ କରିବାକୁ ଅଣ୍ଟା ଭିଡ଼ି ବାହାରିଲେ । ଏହା ପରେ ପୁଣି ଜେଣ୍ଡ୍ଆଭେସ୍ତା ନାମକ ଧର୍ମ ଏହା ଦାବି କଲେ ଯେ ଆମର କେହି ସରି ହୋଇ ପାରିବେ ନାହିଁ ତଥା ସେମାନେ ନିଜର ଟେକ କରି ଝଣ୍ଡା ଉଡ଼ାଇଲେ । ଏକଋଟିଆ ଭାବରେ ସେମାନଙ୍କର ନିଜ ପରିବାର ମଧ୍ୟରେ ହିଁ କେବଳ ଅବତାର ଆଗମନର ପରମ୍ପରା ସୀମିତ ହୋଇ ରହିବ ବୋଲି ସେମାନେ ଘୋଷଣା କରିଦେଲେ । ଏପରିକି ସେମାନଙ୍କ ଧର୍ମର ଏକ ବହୁ ପ୍ରାଚୀନ ଓ ଲମ୍ବା ଇତିହାସ ରହିଛି ବୋଲି ଏପରି ବଖାଣି ବସିଲେ ଯେ ବୈଦିକ ସଭ୍ୟତାର ଦୀର୍ଘ କାଳ ଇତିହାସ ରହିଥିବାର କଥା କହି ଗର୍ବ କରୁଥିବା ଲୋକମାନଙ୍କୁ ସେମାନଙ୍କ ଆଗରେ ଲଜ୍ଜିତ ହେବାକୁ ପଡ଼ିଲା ।

ଏଣେ ହିବ୍ରୁ ଜାତୀୟ ଲୋକଙ୍କ ଦାବୀର ସମସ୍ତ ସୀମା ସେତେବେଳେ ଅତିକ୍ରମ କରିଗଲା, ଯେତେବେଳେ ସେମାନେ ଏହିପରି ଦୃଢୋକ୍ତି ପ୍ରକାଶ କଲେ ଯେ ସିରିୟା ଦେଶରେ ହିଁ ଈଶ୍ୱରଙ୍କ ସାମ୍ରାଜ୍ୟର ସିଂହାସନ ରହିଥିବାର ଘୋଷଣା କରାଯାଇଛି । ତାଙ୍କରି ବଂଶରେ ହିଁ ଦେଶର ସୁଧାର ପାଇଁ ମହାପୁରୁଷମାନେ ଜନ୍ମ ଗ୍ରହଣ କରିପାରିବେ ବୋଲି ନିର୍ଦ୍ଧାରିତ ହୋଇସାରିଛି । ସେଠାକାର ଇହୁଦି ବଂଶଧରଙ୍କ ମଧ୍ୟରୁ କେବଳ ଦେବପୁରୁଷମାନେ ସମଗ୍ର ପୃଥିବୀ ପାଇଁ ଧର୍ମ ସଂସାରକ ହୋଇ ଆସିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତେବେ ବାସ୍ତବ କ୍ଷେତ୍ରରେ ସେହି ସଂସ୍କାର ମୂଳକ କାର୍ଯ୍ୟ ଇସ୍ରାଇଲୀୟ ଜାତି ମଧ୍ୟରେ ସୀମିତ ହୋଇ ରହିଲା ଏବଂ ସେମାନଙ୍କ ବଂଶଧରଙ୍କ ପ୍ରତି ଐଶିବାଣୀ ପ୍ରକଟିତ ହେଉଥିବାର ମୋହର ଲାଗିଗଲା । ଅନ୍ୟ କେଉଁ ଜାତି ବା ଧର୍ମର ଲୋକ ସ୍ୱର ଉଠାଇଲେ, ସେମାନଙ୍କୁ ମିଥ୍ୟାବାଦୀ ଓ ପ୍ରବଞ୍ଚକ କୁହାଗଲା ।

ତଦନୁରୂପ ଆର୍ଯ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସମାନ ମତବାଦ ଋରିଆଡ଼େ ପ୍ରକାଶ ପାଇଲା, ଠିକ ଯେପରି ଇସ୍ରାଇଲୀୟ ଜାତି ମତ ପୋଷଣ

କରିଥିଲେ । ସେମାନଙ୍କ ବିଶ୍ୱାସ ଅନୁସାରେ ପରମେଶ୍ୱର କେବଳ ଆର୍ଯ୍ୟାବର୍ତ୍ତର ରାଜା । ସେ ପୁଣି ଏପରି ଧରଣର ରାଜା, ଯାହାକୁ ଅନ୍ୟ ମୂଲକର କୌଣସି ଖବର ଜଣାନାହିଁ । ଅନ୍ୟମାନଙ୍କ ସ୍ଥିତି ବିଷୟରେ ସେ ସଂପୂର୍ଣ୍ଣ ଅଜ୍ଞ । କୌଣସି ଯଥାର୍ଥ କାରଣ ନଥାଇ ଏହା ମଧ୍ୟ ବିଶ୍ୱାସ କରାଯାଉଥିଲା ଯେ ପରମେଶ୍ୱରଙ୍କୁ ଆର୍ଯ୍ୟାବର୍ତ୍ତର ପରିବେଶ ଓ ପାଣି ପବନ ଭଲ ଲାଗିଗଲା ଓ ତାହାଙ୍କ ହୃଦୟକୁ ଏହି ଭୂମି ପସନ୍ଦ ଆସିଗଲା । ଅନ୍ୟ ଅର୍ଥରେ ସେ ଅନ୍ୟ ଦେଶକୁ ପରିଦର୍ଶନରେ ଯାଇ ଲୋକମାନଙ୍କ ଭଲ ମନ୍ଦ ବୁଝିବା ପାଇଁ କେବେ କେମିତି ଥରେ ହେଲେ ବି ଚାହାନ୍ତି ନାହିଁ । ଅନ୍ୟ ସ୍ଥାନରେ ବାସ କରୁଥିବା ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କ ଅବସ୍ଥା ସଂକ୍ରାନ୍ତରେ ତାଙ୍କର ତିଳେ ମାତ୍ର ଖାତିର ନଥାଏ, ଯେଉଁମାନଙ୍କୁ କେବଳ ସୃଷ୍ଟି କରିସାରି ପୁଣି ଏକବାରକେ ପାଶୋରି ଦେଇ ସେ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦେଇଛନ୍ତି ।

ପ୍ରିୟ ବନ୍ଧୁଗଣ ! ମୋର ନିବେଦନ ଯେ ଆପଣମାନେ ଈଶ୍ୱରଙ୍କ ନାମରେ ଟିକିଏ ବିଚାର କରି ଦେଖନ୍ତୁ । କ'ଣ ଏହି ଚିନ୍ତାଧାରାକୁ ମନୁଷ୍ୟର ସ୍ୱଭାବ ଗ୍ରହଣ କରିବ କିମ୍ବା କାହାର ବିବେକ ଏହାକୁ ସମର୍ଥନ କରିବ ? ମୁଁ ଆଦୌ ବୁଝିପାରୁ ନାହିଁ ଯେ ଏହା କେଉଁ ତର୍କ ସମ୍ମତ ? ଏକ ପକ୍ଷେ ଈଶ୍ୱରଙ୍କୁ ଜଗତର ବିଧାତା ରୂପେ ସ୍ୱୀକାର କରିବା ତ ପୁଣି ଅନ୍ୟ ପକ୍ଷେ ସେହି ତୁଣ୍ଡରେ ଏକଥା ବି କହିବା ଯେ ସେ ସମସ୍ତ ଭୁବନର ପାଳନକର୍ତ୍ତା ହେବାରେ ସ୍ୱୟଂ କୁଣ୍ଠା ପ୍ରକାଶ କରୁଛନ୍ତି । କେବଳ ଏକ ନିର୍ଦ୍ଦିଷ୍ଟ ଜାତି ଓ ଏକ ସ୍ୱତନ୍ତ୍ର ଦେଶ ଉପରେ ତାଙ୍କ ଅନୁଗ୍ରହର ଦୃଷ୍ଟି ପକାଇଛନ୍ତି । ହେ ବୁଦ୍ଧିମାନଗଣ ! ନିଜେ ଏହାର ନ୍ୟାୟ ସଂଗତ ବିଚାର କର ଯେ ଈଶ୍ୱରଙ୍କ ପ୍ରଣୀତ ସାଂସାରିକ ବିଧାନରେ ଏହା ସପକ୍ଷରେ କୌଣସି ଗୋଟିଏ ହେଲେ ପ୍ରମାଣ ରହିଛି କି ? ତା' ହେଲେ କିପରି ତାଙ୍କ ଆଧ୍ୟାତ୍ମିକ ନିୟମ ଏପରି ପକ୍ଷପାତ ମନୋଭାବର ଆଧାର ହେବ ?

ଯଦି ବୁଦ୍ଧିମାନର ପରିଚୟ ଦେଇ କୌଣସି କାମ ହାତକୁ ନିଆଯିବ, ତା'ହେଲେ ସେପରି ପ୍ରତ୍ୟେକ କାର୍ଯ୍ୟର ଭଲ ବା ମନ୍ଦ ତାହାର ଫଳାଫଳରୁ ଜଣା ପଡ଼ିଯିବ । ତେଣୁ ମୋତେ ଏହି ବିଷୟ ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ ଯେ ଈଶ୍ୱର ପ୍ରେରିତ ଦିବ୍ୟ ପୁରୁଷମାନଙ୍କୁ ଅପମାନିତ କରିବା ତଥା ଗାଳି ଗୁଲଜ କରିବାର ପରିଣାମ କ'ଣ ହୋଇପାରେ ? ଏମାନେ ସେହି ପୁଣ୍ୟାତ୍ମା, ଯେଉଁମାନଙ୍କ ଚରଣରେ ସମର୍ପିତ ହୋଇ କୋଟି କୋଟି ଭକ୍ତ ପ୍ରତ୍ୟେକ ବର୍ଗରୁ

ଆସି ସେମାନଙ୍କ ଦାସତ୍ୱ ସ୍ୱୀକାର କରିଥାନ୍ତି । ତେବେ ଏପରି କୌଣସି ସଂପ୍ରଦାୟ ନାହିଁ, ଯିଏ ଏହାର ଅନ୍ତିମ ପରିଣତିକୁ କିଛି ନା କିଛି ହେଲେ ଅବଲୋକନ କରି ନାହିଁ ଏବଂ ଏପରି କୌଣସି ଜାତି ନାହିଁ, ଯାହା ଏହାର ତିକ୍ତ ଅନୁଭୂତିକୁ ଅଙ୍ଗେ ନିଭାଇ ନାହିଁ ।

'ହେ ମୋର ପ୍ରିୟ ଭାଇମାନେ! ଅତୀତର ଅଭିଜ୍ଞତା ଓ ବାରମ୍ବାର ପରୀକ୍ଷିତ ବିଷୟରୁ ଆମମାନଙ୍କୁ ଏହି ପ୍ରମାଣ ମିଳୁଛି ଯେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଅବତାର ରସୁଲଙ୍କୁ ଅସମ୍ମାନ କରିବା ତଥା ଅପଶବ୍ଦରେ ସ୍ମରଣ କରିବା ଓ ସେମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ଏପରି ଏକ ହଳାହଳ ବିଷ, ଯାହାର ପରିଣାମ ସ୍ୱରୂପ ତାହା କେବଳ ଶରୀରକୁ ବିନାଶ କରେ ନାହିଁ, ବରଂ ମନକୁ ମଧ୍ୟ ଜାଳିପୋଡି ଛାରଖାର କରିଦିଏ । ସେହି ଦେଶ କଦାପି ଶାନ୍ତିରେ ତିଷ୍ଠି ରହି ପାରିବେ ନାହିଁ, ଯାହାର ବାସିନ୍ଦା ଜଣେ ଅନ୍ୟର ଧର୍ମ ପ୍ରଣେତାଙ୍କ ଦୋଷ ବାହାର କରିବା ଓ ସେମାନଙ୍କ ଚରିତ୍ର ସଂହାର କରିବାରେ ଲିପ୍ତ ରହିବେ । ସେହି ଜାତିମାନଙ୍କ ମଧ୍ୟରେ ଏକତା ଓ ସଂହତି କଦାପି ଆସିପାରିବ ନାହିଁ, ଯେଉଁମାନଙ୍କ ମଧ୍ୟରୁ ଗୋଟିଏ ସଂପ୍ରଦାୟ ଅନ୍ୟ ଏକ ସଂପ୍ରଦାୟର ନବୀ, ଋଷି, ମୁନି ବା ଅବତାରଙ୍କୁ ଅଶ୍ଳୀଳ ଭାଷାରେ ସମ୍ବୋଧନ କରନ୍ତି । ନିଜର ଅବତାର ବା ଧର୍ମ ପ୍ରବର୍ତ୍ତକଙ୍କ ପ୍ରତି ଅପବାଦ ଶୁଣି କାହାର ମନରେ ଉତ୍ତେଜିତ ଭାବନା ଆସିବ ନାହିଁ । ବିଶେଷତଃ ମୁସଲମାନ ଏପରି ଏକ ଜାତି ଯିଏ ନିଜର ନବୀଙ୍କୁ ଈଶ୍ୱର ବା ଈଶ୍ୱର ପୁତ୍ର ବୋଲି ନ ମାନିଲେ ସୁଦ୍ଧା ମାତୃଗର୍ଭରୁ ଜନ୍ମ ହୋଇଥିବା ସମସ୍ତ ଅବତାରଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ମାନିତ ବ୍ୟକ୍ତି ରୂପେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ସବୁଠାରୁ ଅଧିକ ଶ୍ରଦ୍ଧା ସୁମନ ଅର୍ପଣ  କରନ୍ତି । ଜଣେ ନୈଷ୍ଠିକ ମୁସଲମାନଙ୍କ ସହିତ ମୈତ୍ରୀ ଓ ବନ୍ଧୁତା ସ୍ଥାପନ କରିବା କେବେ  ସମ୍ଭବ ହୋଇ ନପାରେ, ଯଦି ସେମାନେ ସର୍ବମାନ୍ୟ ଦିବ୍ୟ ଅବତାର[ସଅ]ଙ୍କ ପ୍ରତି ଆଲୋଚନା କଲା ବେଳେ ସସମ୍ମାନେ ପବିତ୍ର ଶବ୍ଦ ପ୍ରୟୋଗ ନ କରନ୍ତି ।

ଏବଂ ଆମେମାନେ ଅନ୍ୟ ଧର୍ମର ନବୀମାନଙ୍କୁ କେବେହେଲେ କଟୁ ଶବ୍ଦ ପ୍ରୟୋଗ କରୁନାହୁଁ । ବରଂ ଆମର ସିଦ୍ଧାନ୍ତ ହେଉଛି, ଯେପରି ଭାବରେ ପୃଥିବୀର ବିଭିନ୍ନ ସଂପ୍ରଦାୟରେ ଅବତାର ଆସିଛନ୍ତି ଓ କୋଟି କୋଟି ଲୋକ ତାଙ୍କର ମାନ୍ୟତା ସ୍ୱୀକାର କରିଛନ୍ତି । ଦୁନିଆର କୌଣସି ଏକ  ଭାଗରେ ତାଙ୍କ ପ୍ରତି ପ୍ରେମ ଓ ମହିମାର ଭାବ ଜାଗୃତ ହୋଇଛି । ସେମାନଙ୍କ ପ୍ରତି ଯୁଗ ଯୁଗ ଧରି ଭକ୍ତି ଓ ଶ୍ରଦ୍ଧା

ଅକ୍ଷୁର୍ଣ୍ଣ ରହିଛି । ଏହା ହିଁ ସେମାନଙ୍କ ସତ୍ୟତାର ପ୍ରମାଣ ପାଇଁ ଯଥେଷ୍ଟ । କାରଣ ଯଦି ସେମାନେ ଈଶ୍ୱର ପ୍ରେରିତ ହୋଇ ନଥାନ୍ତେ, ତା' ହେଲେ କୋଟି କୋଟି ହୃଦୟରେ ସେମାନେ ସ୍ଥାନ ପାଇ ପାରି ନଥାନ୍ତେ । ପ୍ରଭୁ ତାଙ୍କର ସ୍ୱୀକୃତିପ୍ରାପ୍ତ ଭକ୍ତ ମାନଙ୍କୁ ଦେଉଥିବା ଶ୍ରେଷ୍ଠ ସମ୍ମାନ ଅନ୍ୟମାନଙ୍କୁ କଦାପି ମିଳେ ନାହିଁ । ଯଦି କୌଣସି ପ୍ରବଞ୍ଚକ ସେମାନଙ୍କ ସ୍ଥାନ ଅଧିକାର କରିବାର ବୃଥା ଆସ୍ଫାଳନ କରିବ, ସେ ସଙ୍ଗେ ସଙ୍ଗେ ଧ୍ୱଂସ ହୋଇଯିବ ।

ଏହି ଆଧାରରେ ଆମେ ବେଦକୁ ଈଶ୍ୱରଙ୍କ ତରଫରୁ ଅବତରିତ ଗ୍ରନ୍ଥ ରୂପେ ମାନୁଛୁ ଓ ସେମାନଙ୍କ ମହର୍ଷିମାନଙ୍କୁ ପବିତ୍ର ସିଦ୍ଧ ପୁରୁଷ ରୂପେ ଅନ୍ତରରେ ଗ୍ରହଣ କରୁଛୁ । ଯଦିଓ ଆମେ ଏହା ଦେଖୁଛୁ ଯେ ବେଦର ଶିକ୍ଷା ସଂପୂର୍ଣ୍ଣ ରୂପେ କୌଣସି ଧର୍ମୀୟ ଗୋଷ୍ଠୀକୁ ସ୍ୱର୍ଗୀୟ ପ୍ରତିଷ୍ଠା ଦେଇପାରି ନାହିଁ । ଯେପରି ହିନ୍ଦୁ ସଂପ୍ରଦାୟର କୌଣସି ଭାଗର ଅନୁସରଣକାରୀ ଈଶ୍ୱରଙ୍କ ପ୍ରକୃତ ଉପାସକ ହେବା କ୍ଷେତ୍ରରେ ନା କେବେ କୃତକାର୍ଯ୍ୟ ହୋଇଛନ୍ତି ଏବଂ ନା ବାସ୍ତବ ରୂପେ ଈଶ୍ୱରନିଷ୍ଠ ହେବାରେ ସଫଳତା ଅର୍ଜନ କରିପାରିବେ । ଏହି ଦେଶର ଲୋକ ଯେଉଁମାନେ ପ୍ରତୀମା, ଅଗ୍ନି, ସୂର୍ଯ୍ୟ, ଗଙ୍ଗାମାତା କିମ୍ବା ଏପରି ସହସ୍ର ଦେବାଦେବୀଙ୍କୁ ପୂଜା କରନ୍ତି ଏବଂ ସେହିପରି ଯେଉଁମାନେ ଜୈନ ବା ଶାକ୍ତ ମତରେ ବିଶ୍ୱାସ ରଖନ୍ତି, ସେମାନେ ସମସ୍ତେ ନିଜ ଧର୍ମ ମତକୁ ବେଦରୁ ଉତ୍ପତ୍ତି ହୋଇଥିବାର ଦାବି କରନ୍ତି । ତେବେ ବେଦଗୁଡ଼ିକର ଅସ୍ପଷ୍ଟ ଜ୍ଞାନ ହେତୁ ଏହା ଏପରି ଅନିଶ୍ଚିତତା ମଧ୍ୟ ଦେଇ ଗତି କରିଥାଏ ଯେ ସମସ୍ତ ହିନ୍ଦୁ ଗୋଷ୍ଠୀ ଏହି ଗ୍ରନ୍ଥରୁ ନିଜ ଇଚ୍ଛାରେ ତତ୍ତ୍ୱମାନ ବାହାର କରିଥାନ୍ତି ।

ସୁତରାଂ ଈଶ୍ୱରଙ୍କ ଶିକ୍ଷାନୁଯାୟୀ ଆମର ପ୍ରଗାଢ଼ ବିଶ୍ୱାସ ଯେ ବେଦ ମନୁଷ୍ୟକୃତ ନୁହେଁ । ମନୁଷ୍ୟର ମନଗଢ଼ା ଗ୍ରନ୍ଥରେ ଏପରି ଶକ୍ତି ନାହିଁ ଯେ ତାହା କୋଟି କୋଟି ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିପାରିବ ତଥା ବିଧି ନିର୍ଦ୍ଦେଶକୁ ପୃଥିବୀରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ କରାଇପାରିବ । ଯଦିଚ ଆମେ ବେଦରେ ପାଷାଣ ଉପାସନା କରିବା ସମ୍ବନ୍ଧରେ କୌଣସି ସ୍ଥାନରେ ଅଧ୍ୟୟନ କରିନାହୁଁ, କିନ୍ତୁ ଏହା ନିଃସନ୍ଦେହ ଯେ ଅଗ୍ନି, ଜଳ, ଚନ୍ଦ୍ର ଓ ସୂର୍ଯ୍ୟ ଇତ୍ୟାଦିର ଉପାସନା ସଂବନ୍ଧୀୟ ଶିକ୍ଷା ବେଦରେ ଭରି ରହିଛି । ଏହି ବସ୍ତୁଗୁଡ଼ିକୁ ପୂଜା କରିବାରୁ କୌଣସି ବେଦ ଶ୍ରୁତିରେ ବାରଣ କରାଯାଇ ନାହିଁ । ଏପରି ସ୍ଥଳେ କିଏ କହିବ ଯେ ହିନ୍ଦୁମାନଙ୍କ ପୁରାତନ ଗୋଷ୍ଠୀଗୁଡ଼ିକ ଅସତ୍ୟ ଓ ଅମୂଳକ ଥିଲା, କେବଳ ନୂତନ ସଂପ୍ରଦାୟ

ଆର୍ଯ୍ୟ ସମାଜ ହିଁ ଯଥାର୍ଥ ଓ ସତ୍ୟ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ? ଯେଉଁମାନେ ବେଦକୁ ଆଧାର କରି ସେହି ପାର୍ଥିବ ବସ୍ତୁଗୁଡ଼ିକର ଉପାସନା କରନ୍ତି, ସେମାନେ ଏହାର ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥାନ୍ତି ଯେ ସାକାର ପୂଜା ବିଷୟରେ ବେଦରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି, କିନ୍ତୁ କେଉଁଠାରେ ଏହାକୁ ନିଷିଦ୍ଧ କରାଯାଇନାହିଁ । ସେଗୁଡ଼ିକ ପରମେଶ୍ୱରଙ୍କର ବିବିଧ ନାମ ବୋଲି ଯେଉଁ ଦାବି ଉପସ୍ଥାପନ କରାଯାଇଛି, ତାହା ସ୍ପଷ୍ଟ ରୂପେ ନିଶ୍ଚିତ କରାଯାଇ ନାହିଁ । ଏବଂ ସେହି ନାମଗୁଡ଼ିକ ପ୍ରଭୁଙ୍କ ସର୍ବନାମ ହୋଇଥିବାର କେଉଁଠାରେ ନିର୍ଦ୍ଧାରିତ ହୋଇ ନାହିଁ । ଯଦି ଏହା ସ୍ଥିର ହୋଇଥା'ନ୍ତା, ତା'ହେଲେ କେଉଁ କାରଣରୁ ଆର୍ଯ୍ୟ ସମାଜର ଧର୍ମୀୟ ସିଦ୍ଧାନ୍ତକୁ ବନାରସ ତଥା ଅନ୍ୟାନ୍ୟ ସହରର ଧର୍ମ ବିଦ୍ୱାନ ଓ ମହା ପଣ୍ଡିତମାନେ ପ୍ରତ୍ୟାଖ୍ୟାନ କରି ଦେଇଥାନ୍ତେ ? ବିଗତ ତିରିଶରୁ ପଇଁତିରିଶ ବର୍ଷ ହେଲା ସମସ୍ତ ଉଦ୍ୟମ ସତ୍ତ୍ୱେ ବହୁତ କମ ସଂଖ୍ୟକ ହିନ୍ଦୁ ଆର୍ଯ୍ୟ ଧର୍ମକୁ ଆପଣାଇଛନ୍ତି ? ସନାତନ ଧର୍ମ ତଥା ଅନ୍ୟାନ୍ୟ ହିନ୍ଦୁ ସଂପ୍ରଦାୟଗୁଡ଼ିକ ତୁଳନାରେ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ଅନ୍ୟ ହିନ୍ଦୁ ଗୋଷ୍ଠୀ ଉପରେ ଆର୍ଯ୍ୟ ସମାଜୀଙ୍କର କୌଣସି ଆଖି ଦୃଶିଆ ପ୍ରଭାବ ପଡ଼ିନାହିଁ । ତଦନୁରୂପ ନିୟୋଗର ଶିକ୍ଷା ଯାହାର ଉଲ୍ଲେଖ ବେଦରେ ରହିଥିବାର କୁହାଯାଇଛି, ତାହା ମାନବୀୟ ମର୍ଯ୍ୟାଦାର ଉଲଂଘନ କରୁଛି ଏବଂ ଏପରି କୁତ୍ସିତ ଶିକ୍ଷାକୁ ଜଣେ ସଭ୍ୟ ମନୁଷ୍ୟ କଦାପି ଗ୍ରହଣ କରିବ ନାହିଁ । ଯେପରି ମୁଁ କହିସାରିଛି ଏହା ଯଥାର୍ଥରେ ବୈଦିକ ଶିକ୍ଷା ହୋଇଥିବ ବୋଲି ଆମ ସ୍ୱଚ୍ଛ ମନ କହୁନାହିଁ । ଏହାକୁ ପରବର୍ତ୍ତୀ କାଳରେ ଧର୍ମାନ୍ଧ ମନୁଷ୍ୟ ଦ୍ୱାରା ନିଜର ସ୍ୱାର୍ଥ ହାସଲ ପାଇଁ ସେଥିରେ ଯୋଡ଼ି ଦିଆଯାଇ ଥିବାର ଆମେ ଦୃଢ଼ ଭାବରେ କହିପାରୁ । ବେଦ ଶାସ୍ତ୍ରଗୁଡ଼ିକ ମୂଳତଃ ଯେବେ ଠାରୁ ସଂକଳନ କରାଯାଇଛି, ଏହା ପରେ ବହୁ ବର୍ଷ ବିତିଯାଇ ଥିବାରୁ ଏହା ସମ୍ଭବ ହୋଇପାରେ ଯେ କେତେକ ଭାଷ୍ୟକର ବିଭିନ୍ନ ସମୟରେ ଏହି ଶାସ୍ତ୍ରରେ ଯୋଗ ବିୟୋଗ ଓ ଉଣା ଅଧିକ କରିଥାଇ ପାରନ୍ତି । ତେଣୁ ବେଦର ସତ୍ୟତା ପାଇଁ କେବଳ ଏହି ଗୋଟିଏ ପ୍ରମାଣ ହିଁ ଆମମାନଙ୍କ ସକାଶେ ଯଥେଷ୍ଟ ଯେ ହଜାର ହଜାର ବର୍ଷ ଧରି ଆର୍ଯ୍ୟାବର୍ତ୍ତର କୋଟି କୋଟି ଲୋକ ବେଦକୁ ପ୍ରଭୁ ବାକ୍ୟ ରୂପେ ଜାଣିଛନ୍ତି । ତେଣୁ ଏହା କଦାପି ସମ୍ଭବ ନୁହେଁ ଯେ ଜଣେ ମିଥ୍ୟାବାଦୀ ଏହି କାର୍ଯ୍ୟ ପାଇଁ ସ୍ୱର୍ଗୀୟ ସମ୍ମାନ ଲାଭ କରିପାରିବ ।

ଏପରି ସକଳ ବାଧାବିଘ୍ନର ସମ୍ମୁଖୀନ ହେବା ସତ୍ତ୍ୱେ ଯେତେବେଳେ ଆମେ ସ୍ୱଚ୍ଛ ମନରେ ଈଶ୍ୱର ଭୟ ରଖି ପବିତ୍ର ବେଦକୁ ମୌଳିକ ଭାବରେ ଐଶି

ପ୍ରକଟିତ ଦିବ୍ୟବାଣୀ ସମ୍ବଳିତ ଶାସ୍ତ୍ର ହୋଇଥିବାର ସ୍ୱୀକାର କରୁଛୁ ଏବଂ ଏଥିରେ ଉଲ୍ଲେଖ ରହିଥିବା ମିଥ୍ୟା ପ୍ରରୋଚିତ ଶିକ୍ଷା, ଯାହାର ତ୍ରୁଟି ବିଚ୍ୟୁତି ଭାଷ୍ୟକରମାନଙ୍କ ଦ୍ୱାରା ଭୁଲ ଅର୍ଥ ପ୍ରକାଶ ଯୋଗୁଁ ପରିଲକ୍ଷିତ ହୋଇଛି, ତାହା ସହଜରେ ବୁଝାପଡୁଛି । ସେପରି ସ୍ଥଳେ ଏହା ପ୍ରାସଙ୍ଗୀକ ମନେ ହେଉଛି ଯେ ପବିତ୍ର ଧର୍ମଗ୍ରନ୍ଥ କୁରଆନ ପ୍ରତି ଏପରି ନିଷ୍ଠୁର ଆକ୍ରମଣ କରାଯିବା କେତେ ଦୂର ଯଥାର୍ଥ ? ଏହାର ଶାଶ୍ୱତ ବାଣୀ ପ୍ରତି ଆକ୍ଷେପ ମୂଳକ ମନ୍ତବ୍ୟ ଦେବା କେତେ ନ୍ୟାୟସଂଗତ ? ଏହି ପୁସ୍ତକରେ ତ ଆଦ୍ୟରୁ ଅନ୍ତ ପର୍ଯ୍ୟନ୍ତ କେବଳ ଏକେଶ୍ୱର ଉପାସନାର ବାଣୀ ଭରି ରହିଛି । ମନୁଷ୍ୟ ଚନ୍ଦ୍ର ସୂର୍ଯ୍ୟାଦି ଗ୍ରହ ନକ୍ଷତ୍ରକୁ ପୂଜା କରିବାର କୌଣସି ଗୋଟିଏ ସ୍ଥାନରେ ବି ଉଲ୍ଲେଖ ନାହିଁ । ବରଂ ସ୍ପଷ୍ଟ ଶବ୍ଦରେ ଏହି କୁରଆନ ବାଣୀରେ ନିଷୋଧାଜ୍ଞା ଜାରି କରାଯାଇଛି:

لَا تَسْجُدُوْا لِلشَّمْسِ وَلَا لِلْقَمَرِ وَاسْجُدُوْا لِلّٰهِ الَّذِيْ خَلَقَهُنَّ

**'ଲା ତସଜୁଦୁ ଲିଶ୍‌ଶମସି ଓ୍ୱଲା ଲିଲ୍‌କମରି ଓ୍ୱସ୍‌ଜୁଦୁ ଲିଲ୍ଲାହିଲ୍‌ଲଜି ଖଲକହୁନ୍‌ନା'**

ଅର୍ଥାତ୍ 'ତୁମେ ସୂର୍ଯ୍ୟର ଉପାସନା କର ନାହିଁ କି ଚନ୍ଦ୍ରର ଓ ଅନ୍ୟ କୌଣସି ସୃଷ୍ଟିର ମଧ୍ୟ । କେବଳ ତୁମେ ତାହାଙ୍କର ଉପାସନା କର, ଯିଏ ତୁମକୁ ସୃଷ୍ଟି କରିଛନ୍ତି ।' **(ହା ମୀମ୍ ଅଲ୍ ସଜଦଃ, ୪୧ : ୩୮)**

ଏଥିରୁ ଜଣାପଡୁଛି ଯେ ସୃଷ୍ଟିର କୌଣସି ଉପାଦାନ ତଥା ସାକାର ବସ୍ତୁକୁ ଉପାସନା କରିବାର ଆଦୌ ଶିକ୍ଷା ଦିଆଯାଇ ନାହିଁ । ଏତଦ୍ ବ୍ୟତୀତ ପବିତ୍ର କୁରଆନ ଈଶ୍ୱରଙ୍କ ପୁରାତନ ଓ ନୂତନ ନିଦର୍ଶନଗୁଡ଼ିକର ସାକ୍ଷ୍ୟ ବହନ କରିଛି । ଏହା ଈଶ୍ୱରଙ୍କ ପରମ ସତ୍ତାକୁ ଏକ ଦର୍ପଣ ସଦୃଶ ନିଜ ଭିତରେ ସାଉଁଟି ରଖିଛି । କିନ୍ତୁ ଏହା ଉପରେ କାହିଁକି ଦୁର୍ବାର ଆକ୍ରମଣ କରାଯାଉଛି ? ଆମ ସହିତ ସେପରି ଆଚରଣ କାହିଁକି ପ୍ରଦର୍ଶନ କରାଯାଉ ନାହିଁ, ଯେପରି ଆମେ ଆର୍ଯ୍ୟ ମତାବଲମ୍ବୀଙ୍କ ସହିତ ପ୍ରଦର୍ଶନ କରି ଆସୁଛୁ ? ପୁଣି ଏହି ଦେଶର ପାବନ ମାଟିରେ କାହିଁକି ଶତ୍ରୁତା ଓ ଘୃଣାର ବୀଜ ବପନ କରାଯାଉଛି ? କ'ଣ ଏପରି ଆଚରଣର ପରିଣାମ ଭଲ ହେବ ବୋଲି ଆଶା କରାଯିବ ? କ'ଣ କାହାରି ଆଖିକୁ ଏହା ଶୋଭା ଦେଖାଯିବ ଯେ ଜଣେ ବ୍ୟକ୍ତି ଅନ୍ୟ ଉପରେ ଫୁଲର ବର୍ଷା କରୁଥିବା ବେଳେ ସେ ଏହାର ପ୍ରତି ବଦଳରେ ତାହା ଉପରକୁ ପଥର ଫିଙ୍ଗିବ ? କ'ଣ ଏହା ଭଦ୍ରାମିର ପରିଚୟ

ହୋଇପାରେ ଯେ ଜଣକୁ ଯଦି କ୍ଷୀର ଅର୍ପଣ କରାଯିବ ତ କ'ଣ ଏଥିପାଇଁ ତା'ଉପରେ ପରିସ୍ରାର ଛିଟକା ପକାଯିବ ?

ଏହି ବାସ୍ତବିକତା ଦୃଷ୍ଟିକୋଣରୁ ଯଦି ହିନ୍ଦୁ ଓ ଆର୍ଯ୍ୟମତାବଲମ୍ବୀ ଏପରି ମୈତ୍ରୀ ଚୁକ୍ତି କରିବା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି ଯେ ଆମର ମହାମାନ୍ୟ ଅବତାର ମୁହମ୍ମଦ(ତାହାଙ୍କ ପ୍ରତି ଶାନ୍ତି ଓ କରୁଣା ହେଉ)ଙ୍କୁ ଈଶ୍ୱରଙ୍କ ସତ୍ୟ ନବୀ ରୂପେ ଗ୍ରହଣ କରିନେବେ ଏବଂ ଆଗାମୀ ଭବିଷ୍ୟତରେ ସେହି ଅବତାରଙ୍କୁ ତାଚ୍ଛଲ୍ୟ ଓ କୁତ୍ସାରଟନା କରିବାରୁ କ୍ଷାନ୍ତ ହେବେ, ତା'ହେଲେ ମୁଁ ସର୍ବ ପ୍ରଥମେ ଏହି ଚୁକ୍ତି ଭିତ୍ତିକ ରାଜିନାମାରେ ସ୍ୱାକ୍ଷର କରିବାକୁ ପ୍ରସ୍ତୁତ ଅଛି:

> 'ଆମେ ଅହମଦିୟା ଜମାଅତର ସଭ୍ୟଗଣ ବେଦର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖିବା ଓ ଏହାର ସତ୍ୟତାକୁ ପ୍ରତିପାଦନ କରିବା ସକାଶେ ସଦା ସର୍ବଦା ତତ୍ପର ରହିବୁ । ସେହିପରି ବେଦ ଓ ଏହାର ଋଷିମାନଙ୍କ ପ୍ରତି ପ୍ରେମଭାବ ପୋଷଣ କରିବୁ ଓ ସେମାନଙ୍କର ସମ୍ମାନ ପୂର୍ବକ ନାମ ଧରିବୁ । ଯଦି ଆମେ ଏହାକୁ ବିଧିବଦ୍ଧ ପାଳନ ନକରିବୁ, ତା'ହେଲେ ଆମ ପକ୍ଷ ଏକ ବଡ଼ ଧନ ରାଶି ଜୋରିମନା ସ୍ୱରୂପ ପୈଠ କରିବାକୁ ବାଧ୍ୟ ହେବ, ଯାହାର ପରିମାଣ ତିନି ଲକ୍ଷ ଟଙ୍କାରୁ କମ ନୁହେଁ । ହିନ୍ଦୁ ଭାଇମାନଙ୍କ ସେବାରେ ତାହା ଅର୍ପଣ କରାଯିବ ।'

ଏବଂ ଯଦି ହିନ୍ଦୁମାନେ କୌଣସି କପଟ ଭାବ ନରଖି ଆନ୍ତରିକତା ସହକାରେ ଆମ ସହିତ ଆପୋଷ ସମାଧାନ କରିବାକୁ ଚାହୁଁଥାନ୍ତି, ତେବେ ସେମାନେ ମଧ୍ୟ ଏହାକୁ ଲିଖିତ ଆକାରରେ ଘୋଷଣା କରି ସେଥିରେ ସ୍ୱାକ୍ଷର କରିବାକୁ ହେବ । ତାହାର ବିଷୟ ବସ୍ତୁ ମଧ୍ୟ ଏହିପରି ରହିବ:

> 'ଆମେମାନେ ହଜରତ ମୁହମ୍ମଦ ମୁସ୍ତଫା ରସୁଲୁଲ୍ଲାଃ (ଅଲ୍ଲାଃଙ୍କ ମନୋନୀତ ବାର୍ତ୍ତାବହ)ଙ୍କୁ (ତାହାଙ୍କ ପ୍ରତି ଶାନ୍ତି ଓ କରୁଣା ହେଉ) ସତ୍ୟ ଅବତାର ଓ ବାର୍ତ୍ତାବହ ହୋଇଥିବାର ବିବେଚନା କରିବୁ । ଏବଂ ଭବିଷ୍ୟତରେ ମଧ୍ୟ ତାଙ୍କୁ ଅତ୍ୟନ୍ତ ଶାଳୀନତା ଓ ମର୍ଯ୍ୟାଦା ସହକାରେ ସ୍ମରଣ କରିବୁ । ଯଦି ଆମେ ଏହାକୁ ଦୃଢ଼ ସମର୍ଥନ ପୂର୍ବକ ଆଇନଗତ ଆଚରଣ ପ୍ରଦର୍ଶନ ନ କରିବୁ, ଯେପରି କି ଜଣେ ମାନ୍ୟତା ସ୍ୱୀକାରକାରୀ କରିଥାଏ, ତା'ହେଲେ ଏକ ବଡ଼ ଧନରାଶି ଯାହାର ପରିମାଣ ତିନି ଲକ୍ଷ

ଟଙ୍କାରୁ କମ ହେବ ନାହିଁ, ଅହମଦୀୟା ସଂପ୍ରଦାୟର ଆଧ୍ୟାତ୍ମିକ ନେତାଙ୍କୁ ପ୍ରଦାନ କରିବୁ ।'

ଏଠାରେ ସ୍ମରଣଯୋଗ୍ୟ ଯେ ଆମ ଅହମଦିୟା ଜମାଅତର ଅନୁଗାମୀଙ୍କ ସଂଖ୍ୟା ବର୍ତ୍ତମାନ ସମୟରେ ଚାରି ଲକ୍ଷରୁ କେବେ କମ ନୁହେଁ । ସେଥିପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟ ସକାଶେ ତିନି ଲକ୍ଷ ଟଙ୍କାର ଧନରାଶି ସେମାନଙ୍କ ଠାରୁ ସଂଗ୍ରହ କରିବା କୌଣସି ବଡ଼ କଥା ନୁହେଁ । କିନ୍ତୁ ଯେଉଁ ଲୋକମାନେ ଆମ ଜମାଅତରେ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି ଓ ସେମାନେ ସଂଖ୍ୟା ଗରିଷ୍ଠତା ଲାଭ କରିଥିବାରୁ ଆମ ଠାରୁ ବହୁ ଢେର ଅଧିକ ସଂଖ୍ୟାରେ ରହିଛନ୍ତି, ସେମାନେ ସମସ୍ତେ ମତପାର୍ଥକ୍ୟ ଯୋଗୁଁ ଏକତାବଦ୍ଧ ନୁହନ୍ତି ଓ ସେମାନଙ୍କ ସ୍ୱଭାବରେ ମଧ୍ୟ ଭିନ୍ନତା ଦେଖାଯାଏ । ସେମାନେ କୌଣସି ଜଣେ ଏପରି ଆଧ୍ୟାତ୍ମିକ ଗୁରୁଙ୍କ ଅଧୀନରେ ନାହାନ୍ତି, ଯାହାଙ୍କୁ ନିଜର ବିଧି ନିର୍ଦ୍ଦିଷ୍ଟ ଧାର୍ମିକ ନେତା ରୂପେ ଗ୍ରହଣ କରି ତାଙ୍କର ଆଜ୍ଞାବହ ହୋଇ ରହିବେ । ସେହି ଦୃଷ୍ଟିରୁ ମୁଁ ସେମାନଙ୍କ ବିଷୟରେ କିଛି ହେଲେ କହିପାରିବି ନାହିଁ । ଯେହେତୁ ସେହି ଲୋକମାନେ ମୋତେ 'କାଫିର୍' (ପ୍ରବଞ୍ଚକ) ଓ 'ଦଜ୍‌ଜାଲ୍' (ଖ୍ରୀଷ୍ଟ ବିରୋଧି) ଆଖ୍ୟା ଦେଇଛନ୍ତି । କିନ୍ତୁ ମୁଁ ଆଶା ରଖିଛି ଯେ ଯେତେବେଳେ ହିନ୍ଦୁ ଲୋକମାନେ ମୋ ସହିତ ଏହି ଚୁକ୍ତିନାମା କରିନେବେ, ସେମାନେ (ଅନ୍ୟ ମୁସଲିମ-ଅନୁବାଦକ) ମଧ୍ୟ ଏପରି ସାହସ କରି ପାରିବେ ନାହିଁ ଯେ ସୁସଭ୍ୟ ହିନ୍ଦୁମାନଙ୍କ ଧର୍ମଗ୍ରନ୍ଥ ତଥା ମହର୍ଷିମାନଙ୍କ ପ୍ରତି ଅଶ୍ଳୀଳ ଓ ଅପଶବ୍ଦ ପ୍ରୟୋଗ କରିବେ । ଯାହାର ପରିଣାମ ସ୍ୱରୂପ ସେମାନଙ୍କୁ ମଧ୍ୟ ପ୍ରତିହିଂସା ପରାୟଣ ହୋଇ ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କୁ ଗାଳି ଗୁଲଜ କରିବାର ଅବସର ମିଳିଯିବ । ଏପରି ଅସଭ୍ୟ ଭାଷାରେ ଗାଳି ଦେବା ତ ଦାୟୀତ୍ୱହୀନ ଲୋକର କାର୍ଯ୍ୟ । ଯେହେତୁ ଏପରି ଆଚରଣ ଲଜ୍ୟାଜନକ ଓ ଶିଷ୍ଟାଚାର ବିରୋଧି, ସେଥିପାଇଁ ମୁଁ ସେମାନଙ୍କ ଠାରୁ ଏହା ଆଶା ରଖିନାହିଁ ଯେ ସେମାନେ ନିଜର ମୁହଁ ଖୋଲିବେ ଓ ଏତାଦୃଶ ଅନୈତିକ କାଣ୍ଡ ଭିଆଇବେ । କିନ୍ତୁ ଏହି ମୈତ୍ରୀ ଭିତ୍ତିକ ଲିଖିତ ରାଜିନାମାକୁ ଅଧିକ ସୁଦୃଢ଼ କରିବା ସକାଶେ ଏହା ଅତ୍ୟନ୍ତ ଜରୁରୀ ହେବ ଯେ ଉଭୟ ପକ୍ଷରୁ ଦଶ ହଜାର ଲେଖାଏଁ ହିତାହିତ ଜ୍ଞାନ ଥିବା ବ୍ୟକ୍ତିମାନେ ତାହା ଉପରେ ସ୍ୱାକ୍ଷର କରନ୍ତୁ ।

ପ୍ରିୟ ବନ୍ଧୁଗଣ ! ମୈତ୍ରୀ ଓ ଶାନ୍ତି ବୁଝାମଣା ଠାରୁ ବଳି ଉତ୍ତମ ବିଷୟ ଅନ୍ୟ କିଛି ନାହିଁ । ଆସ, ଏହି ସନ୍ଧି ଜରିଆରେ ଏକ ହୋଇଯିବା ଓ ଗୋଟିଏ

ଜାତିରେ ସମ୍ମିଳିତ ହେବା । ଆପଣମାନେ ଦେଖୁଛନ୍ତି ଯେ ସତ୍ୟକୁ ଅବମାନନା କରି ବୁଝାମଣାକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ଆମମାନଙ୍କ ମଧ୍ୟରେ କେତେ ବିଭେଦ ସୃଷ୍ଟି ହୋଇଛି ଓ ଦେଶକୁ ତାହା କେତେ ମାତ୍ରାରେ କ୍ଷତି ପହଞ୍ଚାଉଛି । ଆସ, ଏହା ମଧ୍ୟ ପରଖିନିଅ ଯେ ଜଣେ ଅନ୍ୟର ସତ୍ୟକୁ ଗ୍ରହଣ କରିବାରେ କେତେ କଲ୍ୟାଣ ରହିଛି । ଆପୋଷ ମିଳାମିଶା ଆମ ଜୀବନକୁ କେତେ ସମୃଦ୍ଧିଶାଳୀ କରି ଗଢି ତୋଳିବ । ଶାନ୍ତି ଓ ମୈତ୍ରୀର ଏହା ହିଁ ଉତ୍କୃଷ୍ଟ ପନ୍ଥା । ଅନ୍ୟ କୌଣସି ଉପାୟରେ ଯଦି ସନ୍ଧି କରାଯାଏ, ତାହା ଏକ ବିପଦ ଜନକ ବଥ ସଦୃଶ, ଯାହା ବାହାରକୁ ପରିଷ୍କାର ହୋଇ ଚିକଚିକ କରୁଥିବ, ଅଥଚ ସେହି ଫୋଟକା ଭିତରେ ସଢି ଯାଇ ଦୁର୍ଗନ୍ଧ ଯୁକ୍ତ ପୂଜ ହୋଇ ରହିଥିବ ।

ମୋତେ ଏଠାରେ ଏହି ପ୍ରସଙ୍ଗକୁ ଅଧିକ ବିସ୍ତୃତ ଭାବରେ ବର୍ଣ୍ଣନା କରିବା ଆବଶ୍ୟକ ମନେ ହେଉନାହିଁ । ଯେପରି ହିନ୍ଦୁ ଓ ମୁସଲିମମାନଙ୍କ ମଧ୍ୟରେ ପାରସ୍ପରିକ ବିଦ୍ୱେଷ, ହିଂସା ଓ କଳହ ଦିନକୁ ଦିନ ବୃଦ୍ଧି ପାରିବାରେ ଲାଗିଛି, ତାହା ଅତ୍ୟନ୍ତ ଉଦବେଗ ଜନକ ପରିସ୍ଥିତିରେ ପହଞ୍ଚିଛି । ଏହାର କାରଣ କେବଳ ସଂପ୍ରଦାୟୀକ ମତଭେଦ ନୁହେଁ, ବରଂ କେତେକ ପାର୍ଥିବ କାମନା ଜନିତ ସ୍ୱାର୍ଥ ହାସଲ କରିବା ମଧ୍ୟ ଏହାର ଦ୍ୱିତୀୟ କାରଣ ହୋଇଛି । ଉଦାହରଣ ସ୍ୱରୂପ, ପ୍ରାରମ୍ଭରୁ ହିଁ ହିନ୍ଦୁମାନଙ୍କର ଲାଳସା ରହିଛି ଯେ ଦେଶ ଓ ସରକାରଙ୍କ ବ୍ୟାପାରରେ ସେମାନଙ୍କର ମଧ୍ୟ ସଂପୃକ୍ତି ରହୁ । ଅନ୍ତତଃ ପକ୍ଷେ ପ୍ରଶାସନିକ ମାମଲାରେ ସେମାନଙ୍କ ପରାମର୍ଶ ଗ୍ରହଣ କରାଯାଉ ଓ ସରକାର ସେମାନଙ୍କର ପ୍ରତ୍ୟେକ ଅଭିଯୋଗକୁ ବିଶେଷ ଧ୍ୟାନପୂର୍ବକ ଶୁଣନ୍ତୁ । ବ୍ରିଟିଶ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ପରି ସେମାନଙ୍କୁ ମଧ୍ୟ ଉଚ୍ଚ ପଦପଦବୀରେ ନିଯୁକ୍ତି ଦିଆଯିବ ଉଚିତ । ମୁସଲମାନମାନେ ଦେଶରେ ସଂଖ୍ୟାନ୍ୟୁନ ହୋଇଥିବା ଭୟରେ ହିନ୍ଦୁମାନଙ୍କର ଏହି ଅଭିଯାନରେ ସାମିଲ ନହୋଇ ଏକ ଗୁରୁତର ଭୁଲ କରୁଛନ୍ତି । ସେମାନେ ଭାବିଲେ ଯେ ଏ ସମସ୍ତ ଉଦ୍ୟମ ଦ୍ୱାରା ସେହି ଯୋଜନାଗୁଡ଼ିକ ଯଦି କାର୍ଯ୍ୟକାରୀ ହୁଏ, ତା'ହେଲେ ସେଥିରୁ ଯେଉଁ ଲାଭ ମିଳିବ, ସେସବୁ ସଂଖ୍ୟା ଗରିଷ୍ଠ ହିନ୍ଦୁମାନଙ୍କ ହାତକୁ ଯିବ । ମୁସଲମାନଙ୍କୁ ତହିଁରୁ କାଣ୍ଡିଟିଏ ବି ଫାଇଦା ମିଳିବ ନାହିଁ । ତେଣୁ ସେମାନେ କେବଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାରୁ ଯେ ନିବୃତ୍ତ ହେଲେ ସେତିକି ନୁହେଁ, ବରଂ ଏହାର ବିରୁଦ୍ଧାଚରଣ କରି ହିନ୍ଦୁମାନଙ୍କ ପଥ ଅବରୋଧ କଲେ । ଫଳତଃ ଉଭୟଙ୍କ ମଧ୍ୟରେ ଶତ୍ରୁତା ଓ ତିକ୍ତ ଭାବ ବୃଦ୍ଧି ପାଇଲା ।

ମୁଁ ମାନୁଛି ଯେ ଏହି ସବୁ କାରଣ ହିଁ ସେମାନଙ୍କ ଶତ୍ରୁତାକୁ ଆହୁରି ଅଧିକ ତେଜିବାରେ ସାହାଯ୍ୟ କରିଛି । କିନ୍ତୁ ଏଗୁଡ଼ିକ ମୂଳ କାରଣ ବୋଲି ମୁଁ ଗ୍ରହଣ କରି ପାରିବି ନାହିଁ । ମୁଁ ସେମାନଙ୍କ ସହିତ ଏକମତ ନୁହେଁ ଯେଉଁମାନେ ବିଶ୍ୱାସ କରନ୍ତି ଯେ ଧର୍ମଗତ ଦ୍ୱନ୍ଦ୍ୱ କେବେ ହେଁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଥିବା ଶତ୍ରୁତାର କାରଣ ନୁହେଁ । ବରଂ ସେମାନେ କହନ୍ତି ଯେ ରାଜନୈତିକ ଶତ୍ରୁତା ହିଁ ଏହାର ମୂଳ କାରଣ ।

ଏକଥା ପ୍ରତ୍ୟକ ବ୍ୟକ୍ତି ସହଜରେ ବୁଝିପାରିବ ଯେ ମୁସଲମାନମାନେ ନିଜର ନ୍ୟାଯ୍ୟ ଅଧିକାର ପାଇବା କ୍ଷେତ୍ରରେ ହିନ୍ଦୁଙ୍କ ସହିତ ସାମିଲ ହେବା ପାଇଁ କାହିଁକି ଅନିଚ୍ଛା ପ୍ରକାଶ କରୁଛନ୍ତି ଓ ସେମାନେ କାହିଁକି କଂଗ୍ରେସରେ ଯୋଗ ଦେବାକୁ ମନା କରୁଛନ୍ତି । ଅଥଚ ହିନ୍ଦୁମାନଙ୍କ ରଣ କୌଶଳକୁ ଆପଣାଇବାରେ ଲାଗିଛନ୍ତି । ସେମାନଙ୍କ ପାଦକୁ ସହିତ ପାଦ ମିଳାଇ ସେହି ଏକା ପଥକୁ ଅନୁସରଣ କରିବା ଆରମ୍ଭ କରି ଦେଇଛନ୍ତି । କିନ୍ତୁ ଅଲଗା ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଏପରିକି ହିନ୍ଦୁଙ୍କ ମୁକାବିଲାରେ ଏକ ମୁସଲିମ ଅଞ୍ଜୁମନ୍ (ସଂଗଠନ) ଗଢ଼ିଥିଲେ ସୁଦ୍ଧା, ହିନ୍ଦୁ ସଂଗଠନରେ ସେମାନେ ଯୋଗ ଦେଇ ନଥିଲେ ଓ ସେମାନଙ୍କ ସହିତ ସଂପୃକ୍ତିକୁ ସ୍ୱୀକାର କରି ନଥିଲେ ।

ହେ ସଜ୍ଜନଗଣ ! ମୁଁ ପୁନର୍ବାର ଦୃଢ଼ତାର ସହିତ କହୁଛି ଯେ ଧର୍ମ ହିଁ ଏସବୁ ବିବାଦର ମୂଳ କାରଣ । ଏହା ବ୍ୟତୀତ ଅନ୍ୟ କିଛି ନୁହେଁ । ଆଜି ଯଦି ସେହି ହିନ୍ଦୁ, ମୁସଲିମ ମୂଳମନ୍ତ୍ର (କଲିମା ତୟବା)

لَا اِلٰہَ اِلَّا اللّٰہُ مُحَمَّدٌ رَّسُوْلُ اللّٰہِ

**'ଲାଇଲାହା ଇଲ୍‌ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହି'** ଘୋଷଣା କରି ମୁସଲମାନଙ୍କ ସହିତ କାନ୍ଧ ମିଳାଇ ଦିଅନ୍ତି ଅଥବା ମୁସଲମାନ ଇସଲାମ ତ୍ୟାଗ କରି ହିନ୍ଦୁ ଧର୍ମକୁ ଆପଣାଇ ନିଅନ୍ତି ତତ୍‌ସହିତ ବେଦ ନିର୍ଦ୍ଦେଶାନୁସାରେ ବାୟୁ, ଅଗ୍ନିର ପୂଜା ଆରମ୍ଭ କରି ଦିଅନ୍ତି, ତେବେ ଯେଉଁ ଦ୍ୱନ୍ଦ୍ୱ ରାଜନୈତିକ କୁହାଯାଉଛି, ତାହାର ସମୂଳେ ବିନାଶ ଘଟିବ । ତାହା ଏପରି ଉଭେଇ ଯିବ, ସତେ ଯେପରି ଆଗରୁ କିଛି ନଥିଲା ।

ତେଣୁ ଏଥିରୁ ପ୍ରକାଶ ଯେ ଧାର୍ମିକ ମତଭେଦ ହିଁ ସମସ୍ତ ପ୍ରକାର ଆକ୍ରୋଶ, ହିଂସା ଓ ଶତ୍ରୁତାର ମୂଳ କାରଣ । ଏହି ସଂପ୍ରଦାୟୀକ ମତଭେଦ ଯେତେବେଳେ ଚରମ ସୀମାରେ ପହଞ୍ଚେ, ସେତେବେଳେ ରକ୍ତର ନଦୀ ପ୍ରବାହିତ ହୁଏ ।

ହେ ମୁସଲମାନମାନେ ! ଯେତେବେଳେ କି ହିନ୍ଦୁ ଭାଇମାନେ ତୁମମାନଙ୍କୁ ଧାର୍ମିକ ମତଭେଦ ଦୃଷ୍ଟିରୁ ଏକ ଭିନ୍ନ ଜାତି ମନେ କରୁଛନ୍ତି ଏବଂ ତୁମେମାନେ ମଧ୍ୟ ସେମାନଙ୍କୁ ଏକ ଭିନ୍ନ ଜାତି ମନେ କରୁଛ, ସେପରି ସ୍ଥଳେ ଯେପର୍ଯ୍ୟନ୍ତ ଏହାର ସମାଧାନର ସୂତ୍ର ନବାହାରିବ, ସେପର୍ଯ୍ୟନ୍ତ କିପରି ତୁମ ମଧ୍ୟରେ ଏକ ସ୍ୱଚ୍ଛ ଓ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ । ଯେତେବେଳ ପର୍ଯ୍ୟନ୍ତ ଏହାର ମୂଳ କାରଣ ବିରୁଦ୍ଧରେ ଏକ ଉପଯୁକ୍ତ ଓ ନ୍ୟାୟୋଚିତ ପ୍ରତିକାରର ବ୍ୟବସ୍ଥା କରା ନଯାଇଛି, ସେତେବେଳ ପର୍ଯ୍ୟନ୍ତ ଏହି ବିବାଦର ଅନ୍ତ ଘଟିବ ନାହିଁ । ହଁ, ଏହା ମଧ୍ୟ ସମ୍ଭବ ଯେ ତୁମେମାନେ ପରସ୍ପର ମଧ୍ୟରେ କିଛିକ୍ଷଣ ପାଇଁ ଉପର ଠାଉରିଆ ଭାବରେ ସୁସମ୍ପର୍କ ସ୍ଥାପନ କରିପାର । କିନ୍ତୁ ଯେ ପର୍ଯ୍ୟନ୍ତ ତୁମ ହୃଦୟ ପରିବର୍ତ୍ତନ ନହୋଇଛି ଓ ତୁମ ମନର ଆବିଳତା ଯଦି ଦୂର ନହୋଇଛି, ତା'ହେଲେ ତାକୁ ପ୍ରକୃତ ସ୍ୱଚ୍ଛତା କୁହାଯିବ ନାହିଁ । କେବଳ ଏହି ଅବସ୍ଥାରେ ହିଁ ଆନ୍ତରିକ ନିଷ୍ଠା ଉତ୍ପନ୍ନ ହୋଇପାରିବ, ଯେବେ ଉଭୟ ସଂପ୍ରଦାୟର ପରସ୍ପର ପ୍ରତି ରହିଥିବା ଖରାପ ମନୋଭୃତ୍ତି ବଦଳି ଯିବ ।

ଯେତେବେଳେ ଆପଣମାନେ ବେଦ ଓ ବେଦର ଋଷିମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ନିଜର ବିକାର ଦୂର କରି ଆମର ପବିତ୍ର ରସୁଲ ମୁହମ୍ମଦ[ସଅ]ଙ୍କ ଅବତାରତ୍ୱକୁ ସ୍ୱୀକାର କରିନେବେ, ସେତେବେଳେ ମନେ ରଖନ୍ତୁ ଓ ଭଲ ଭାବରେ ମନେ ରଖନ୍ତୁ ଯେ ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ପ୍ରକୃତ ପନ୍ଥା । ଏହା ହିଁ ଏପରି ଜଳ, ଯାହା ହୃଦୟର ଆବିଳତାକୁ ଧୌତ କରିଦେବ । ଏହି ଦୁଇ ଜାତି ଯେଉଁମାନେ ପରସ୍ପର ଠାରୁ ବିଛିନ୍ନ ହୋଇ ରହିଥିଲେ, ଯଦି ସେମାନଙ୍କ ପୁନର୍ମିଳନର ଦିନ ଆସି ଯାଇଥାଏ, ତେବେ ଈଶ୍ୱର ସେହି ଜାତିର ଲୋକମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ । ଯେପରିକି ସେ ଆମମାନଙ୍କ ହୃଦୟକୁ ସେହି ଉଦ୍ଦେଶ୍ୟ ପାଇଁ କେବେ ଠାରୁ ଉନ୍ମୁକ୍ତ କରି ଦେଇଛନ୍ତି ।

ମାତ୍ର ସେଥିପାଇଁ ଏହା ଅତ୍ୟନ୍ତ ଜରୁରୀ ଯେ ତୁମେ ହିନ୍ଦୁ ଭାଇମାନଙ୍କ ସହିତ ନିଷ୍ଠାପୂର୍ଣ୍ଣ ସହାନୁଭୁତି ଦେଖାଅ । ଦ୍ୱିତୀୟତଃ ସେମାନଙ୍କ ପ୍ରତି ଦୟା ପରବଶ ହୁଅ ତଥା ଶୋଭନୀୟ ଆଚରଣ ପ୍ରଦର୍ଶନ କର । ଏପରି ଆଚରଣରୁ ନିଜକୁ ଦୂରେଇ ରଖ, ଯାହା ସେମାନଙ୍କୁ ଦୁଃଖ ଓ କ୍ଲେଶ ପହଞ୍ଚାଇବ । ମାତ୍ର ସେହି ସବୁ କର୍ମ ବ୍ୟତୀତ ଯେଉଁଗୁଡ଼ିକ ଆମ ଧର୍ମର ସିଦ୍ଧାନ୍ତ ଅନୁଯାୟୀ ଅତ୍ୟନ୍ତ ଜରୁରୀ

ତଥା ଅନିବାର୍ଯ୍ୟ କରାଯାଇଛି । ତେବେ ଏହାର ପରିଣାମ ସ୍ୱରୂପ ଯଦି ହିନ୍ଦୁମାନେ ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ସତ୍ୟତାର ପ୍ରମାଣ ଦେବାରେ ଆମ ପ୍ରସ୍ତାବିତ ତତ୍ତ୍ୱକୁ ଗ୍ରହଣ କରିନେବେ ଓ ଏହା ଉପରେ ବିଶ୍ୱାସ ସ୍ଥାପନ କରିବେ, ତା'ହେଲେ ଗୋହତ୍ୟା ପରି ଏକ ନଗଣ୍ୟ ବିଷୟରେ ବାଦ ବିବାଦ ତଥା ଏହାର ଖୋଳତାଡ଼ କରିବାରେ କ'ଣ ବା ରହିଯାଇଛି ? ଯାହାକୁ ଏତେ ଗୁରୁତର ସହିତ ନିଆଯାଉଛି । ସେଥିପାଇଁ ଏହି ପ୍ରସଙ୍ଗକୁ ମଝିରୁ ଉଠାଇ ଦେବାକୁ ହେବ, ଯଦ୍ଦ୍ୱାରା ଆମ ମୈତ୍ରୀର ସଂପର୍କରେ ତାହା ଆଉ ବାଧକ ସାଜିବ ନାହିଁ । ମନେରଖ, ଯଦି ଆମପାଇଁ କୌଣସି ଖାଦ୍ୟ ହଲାଲ ବା ବୈଧ କରାଯାଇଛି ଓ ଯାହା ଅନୁମତି ସାପେକ୍ଷ, ତା'ର ଅର୍ଥ ଏହା ନୁହେଁ ଯେ ଆମେ ତାକୁ ଖାଇବା ପାଇଁ ବାଧ୍ୟ । କାରଣ ପ୍ରତ୍ୟେକ ଅନୁମତି ପ୍ରାପ୍ତ ବିଷୟ ବାଧ୍ୟତା ମୂଳକ ନୁହେଁ । ଏପରି ଅନେକ ବିଷୟ ରହିଛି, ଯାହା ଆଇନ ସମ୍ମତ ବୋଲି ଆମେ ଜାଣୁ ତଥାପି ଆମେ ତାକୁ କାର୍ଯ୍ୟରେ ବ୍ୟବହାର କରିବା ଅପରିହାର୍ଯ୍ୟ ବୋଲି ମନେ କରୁନାହିଁ କିମ୍ବା ତାକୁ କେବେ ବ୍ୟବହାର ମଧ୍ୟ କରିନାହୁଁ । ହିନ୍ଦୁମାନଙ୍କ ସହିତ ଶାଳୀନତା ପୂର୍ଣ୍ଣ ଓ ଅମାୟିକ ବ୍ୟବହାର ଇସଲାମର ଗୁରୁତ୍ୱପୂର୍ଣ୍ଣ ଆଦେଶ ମଧ୍ୟରୁ ଗୋଟିଏ, ଯହିଁରେ ଈଶ୍ୱରଙ୍କ ଏକତ୍ୱ ଓ ତାହାଙ୍କୁ ଅନ୍ୟ କାହାରି ସହିତ ସମକକ୍ଷ ନକରିବା ଅନ୍ତର୍ଭୁକ୍ତ । ତେଣୁ ଏକ ଜରୁରୀ ଓ ଲାଭଦାୟକ କାର୍ଯ୍ୟ ସିଦ୍ଧି ସକାଶେ ଏକ ଅନାବଶ୍ୟକ ତଥା ଜରୁରୀ ନଥିବା କାର୍ଯ୍ୟକୁ ପରିହାର କରିବା ଐଶ୍ୱରିକ ବିଧାନର କେବେ ବିରୁଦ୍ଧ ନୁହେଁ । ବୈଧ ବା ସିଦ୍ଧ ବୋଲି କେବଳ ଘୋଷଣା କରାଯିବା ଗୋଟିଏ କଥା ଓ ଏହାକୁ ବ୍ୟବହାର କରିବା ଆଉ ଗୋଟିଏ ଭିନ୍ନ କଥା ।

ଧର୍ମ କାର୍ଯ୍ୟରେ ମାନସିକ ଆବେଗ ପ୍ରଭୁ ବାରଣ କରିଥିବା ମନ୍ଦ ପ୍ରବୃତ୍ତିରୁ ନିବୃତ୍ତ ରହିବା ଦ୍ୱାରା ହିଁ ସୃଷ୍ଟି ହୋଇଥାଏ । ଈଶ୍ୱରଙ୍କ ସନ୍ତୁଷ୍ଟି ଲାଭ କରିବା ପଛରେ ଧାଇଁବା, ତାହାଙ୍କର ସମସ୍ତ ସୃଷ୍ଟଜ ପ୍ରାଣୀଙ୍କ କଲ୍ୟାଣାର୍ଥେ ସତକର୍ମ କରିବା, ମାନବଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଓ ବିଶ୍ୱର ସମସ୍ତ ଦିବ୍ୟ ବାର୍ତ୍ତାବହ ତଥା ଅବତାରମାନଙ୍କୁ ତାଙ୍କ ନିଜ ସମୟର ଈଶ୍ୱର ପ୍ରେରିତ ରୂପେ ଗ୍ରହଣ କରିବା ଏବଂ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନ କରିବା ଇତ୍ୟାଦି ଧର୍ମର ଅସଲ ଆଭିମୁଖ୍ୟ । ଆମ ଧର୍ମର ସାରତତ୍ତ୍ୱ ହେଉଛି, ପ୍ରତ୍ୟେକ ମନୁଷ୍ୟ ପ୍ରତି ଦୟା ଓ ସେବା ମନୋଭାବ । ଏହା ହିଁ ହେଉଛି ଆମ ବିଶ୍ୱାସ ମତର ମୌଳିକ ଆବଶ୍ୟକତା । ଯେଉଁମାନେ ବିନା କାରଣରେ ଈଶ୍ୱର ଭୟ ନଥାଇ ଆମ ପବିତ୍ର ଅବତାର

ମୁହମ୍ମଦ[ସଅ]ଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି, ଅଯଥା ଗାଳି ଗୁଲଜ କରୁଛନ୍ତି ଓ ତାଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବାରୁ କ୍ଷାନ୍ତ ହେଉନାହାନ୍ତି, ସେମାନଙ୍କ ସହିତ କିପରି ଆମେ ଶାନ୍ତି ବୁଝାମଣା କରିବୁ ? ମୁଁ ସତ୍ୟ କହୁଛି ଯେ ଲବଣାକ୍ତ ମାଟିରେ ରହୁଥିବା ବଡ ବଡ ସାପ ଓ ବଣର ଗଧିଆ ସହିତ ଆମେ ସନ୍ଧି କରିପାରୁ, କିନ୍ତୁ ଆମ ଜୀବନ ଓ ଆମ ପିତାମାତାଙ୍କ ଠାରୁ ଅଧିକ ପ୍ରିୟ ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ପ୍ରତି କ୍ରୁର ଆକ୍ରମଣ କରୁଥିବା ଭ୍ରଷ୍ଟ ଚରିତ୍ରର ଲୋକମାନଙ୍କ ସହିତ ସାଲିସ କରିବା ଆମ ପକ୍ଷେ କଦାପି ସମ୍ଭବ ନୁହେଁ । ପ୍ରଭୁ ଆମକୁ ଇସଲାମର ଅନୁଗାମୀ ଥିବା ଅବସ୍ଥାରେ ମୃତ୍ୟୁ ଦିଅନ୍ତୁ । କିନ୍ତୁ ଆମେ ଏପରି କାର୍ଯ୍ୟ କରିବାକୁ ଚାହୁନାହୁଁ, ଯାହା ଆମ ଧର୍ମ ବିଶ୍ୱାସକୁ ଭ୍ରଷ୍ଟ କରାଇବ ।

ମୁଁ ଏଠାରେ କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟ ବିରୁଦ୍ଧରେ ଅଯଥାରେ ପ୍ରତିବାଦ କରିବାକୁ ଚାହୁନାହିଁ ଓ କାହାର ହୃଦୟରେ ଦୁଃଖ ଦେବାକୁ ଚାହୁନାହିଁ । ବରଂ ଅତ୍ୟନ୍ତ ସଂଯତ ହୋଇ ମୋତେ ଏହା କହିବାକୁ ପଡିଲା ଯେ ଇସଲାମ ସେହି ପବିତ୍ର ଓ ମୈତୀ ଭାବାପନ୍ନ ଧର୍ମ ଥିଲା, ଯାହା କୌଣସି ଧର୍ମର ପ୍ରବର୍ତ୍ତକଙ୍କ ଉପରେ କୁତ୍ସାରଟନା କରିନାହିଁ । ପବିତ୍ର କୁର୍ଆନ ଏପରି ମହାନ ଗ୍ରନ୍ଥ, ଯାହା ଜାତି ଜାତି ମଧ୍ୟରେ ମୈତ୍ରୀ ଓ ଶାନ୍ତିର ଭିତ୍ତି ସ୍ଥାପନ କରିଛି ଓ ପ୍ରତ୍ୟେକ ସଂପ୍ରଦାୟର ନବୀଙ୍କ ସତ୍ୟତାକୁ ସ୍ୱୀକାର କରିଛି । ଏହି ବୈଶିଷ୍ଟ୍ୟ ପବିତ୍ର କୁରଆନ ପ୍ରାପ୍ତ କରିଛି, ଯାହା ପୃଥିବୀର ସମସ୍ତ ଅବତାରଙ୍କ ସମ୍ବନ୍ଧରେ ଆମକୁ ଏହି ଶିକ୍ଷା ଦେଇଥାଏ ।

لَا نُفَرِّقُ بَيْنَ اَحَدٍ مِّنْهُمْ وَنَحْنُ لَهٗ مُسْلِمُوْنَ

**ଲାନୁଫରିକୁ ବୈନା ଆହାଦିମ୍ ମିନ୍‌ହୁମ ଓ୍ୱନହ୍‌ନୋଲହୁ ମୁସଲେମୁନ୍**

ଅର୍ଥାତ୍ 'ହେ ମୁସଲମାନ ! ତୁମେ ଏହା କୁହ ଯେ ଆମେମାନେ ପୃଥିବୀର ସମସ୍ତ ନବୀଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଛୁ । ଏବଂ ସେମନଙ୍କ ମଧ୍ୟରେ କୌଣସି ପ୍ରଭେଦ ଦର୍ଶାଉନାହୁଁ ଯେ କେତେକଙ୍କୁ ସ୍ୱୀକାର କରିବୁ ଓ ଅନ୍ୟ କେତେକଙ୍କୁ ରଦ୍ଦ କରିଦେବୁ ।' **(ଅଲ ବକରା, ୧୩୭)**

ଯଦି ଏପରି କୌଣସି ମୈତ୍ରୀ ସ୍ଥାପନକାରୀ ଐଶି ପୁସ୍ତକ ଅଛି, ତା'ହେଲେ ତା'ର ନାମ କୁହ । ତେବେ ପବିତ୍ର କୁରଆନ ଏପରି ଏକ ଅନନ୍ୟ ଗ୍ରନ୍ଥ, ଯହିଁରେ ପ୍ରଭୁଙ୍କ ସାର୍ବଜନୀନ କରୁଣାକୁ କୌଣସି ନିର୍ଦ୍ଦିଷ୍ଟ ଜାତି ବା ପରିବାର ସହିତ ସଂପୃକ୍ତ କରାଯାଇ ନାହିଁ । ଇସ୍ରାଇଲ ବଂଶର ଯେତେକ ନବୀ ଥିଲେ ସେ

ଯାକୁବ ହୁଅନ୍ତୁ କି ଇସହାକ, ସେ ମୁସା ହୁଅନ୍ତୁ କି ଦାଉଦ ଅଥବା ଯୀଶୁ ଆଦି ସମସ୍ତଙ୍କର ଅବତାରତ୍ୱକୁ ସ୍ୱୀକାର କରିନେଇଛି । ପ୍ରତ୍ୟେକ ଜାତିର ନବୀ ସେ ହିନ୍ଦୁସ୍ତାନରେ ଆସିଥାନ୍ତୁ ଅବା ପାରସୀୟ ବଂଶରେ, କାହାରିକୁ ମିଥ୍ୟାବାଦୀ ଓ ପ୍ରତାରକ ବୋଲି କହିନାହିଁ । ବରଂ ସ୍ପଷ୍ଟ ରୂପେ କହିଛି ଯେ ପ୍ରତ୍ୟେକ ଜାତି ଓ ସହରରେ ସେମାନେ ଆବିର୍ଭୁତ ହୋଇଛନ୍ତି । ସବୁରି ଲୋକଙ୍କ ମଧ୍ୟରେ ଶାନ୍ତିର ମୂଳଭିତ୍ତି ସ୍ଥାପନ କରିଛନ୍ତି । କିନ୍ତୁ ହାୟ, ବିଡମ୍ବନା ହେଉଛି ଯେ ଏହି ଶାନ୍ତି ପ୍ରିୟ ନବୀ ମୁହମ୍ମଦ[ସଅ]ଙ୍କୁ ପ୍ରତ୍ୟେକ ଜାତି ଗାଳିଗୁଲଜ କରୁଛି ଓ ତାଙ୍କ ପ୍ରତି ଘୃଣା ମନୋଭାବ ରଖୁଛି ।

ହେ ପ୍ରିୟ ଦେଶବାସୀ ! ମୁଁ ଏହା ଆପଣମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିବାର ଅଭିପ୍ରାୟ ଏହା କଦାପି ନୁହେଁ ଯେ ମୁଁ ଏହା ଆପଣଙ୍କ ମନରେ ଆଘାତ ପହଞ୍ଚାଇବି ଓ ଆପଣଙ୍କୁ କଷ୍ଟ ଦେବି । ବରଂ ସ୍ୱଚ୍ଛ ମନରେ ଏହି ମହତ ଉଦ୍ଦେଶ୍ୟ ନେଇ ମୁଁ କହିବାକୁ ଚାହୁଁଛି ଯେ ଯେଉଁ ଜାତି ବା ସଂପ୍ରଦାୟର ଅଭ୍ୟାସ ରହିଛି ଯେ ଅନ୍ୟ ସଂପ୍ରଦାୟର ଅବତାରମାନଙ୍କ ସଂକ୍ରାନ୍ତରେ ଅଯୌକ୍ତିକ ଭାବରେ ହସ୍ତକ୍ଷେପ କରି ସେମାନଙ୍କୁ ତାଚ୍ଛଲ୍ୟ କରିଥାନ୍ତି । ସେମାନେ ନା କେବଳ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଥାନ୍ତି, ବରଂ ମାନବ ଜାତିରେ ଶତ୍ରୁତା ଓ କଳହର ମଞ୍ଜି ବୁଣିଦେବାର ଧୃଷ୍ଟତା ମଧ୍ୟ କରିଛନ୍ତି । ଆପଣ ନିଜ ଛାତିରେ ହାତରଖି ମୋତେ ଏହାର ଉତ୍ତର ଦିଅନ୍ତୁ ଯେ ଯଦି କୌଣସି ବ୍ୟକ୍ତି ଅନ୍ୟ କାହାର ବାପାକୁ ଗାଳି ଦିଏ କିମ୍ବା ମାଆ ଉପରେ ଲାଞ୍ଛନା ଦେଇ ଅପବାଦର କାଳିମା ଲଗାଏ, ତେବେ ସେ କ'ଣ ନିଜ ବାପର ଇଜ୍ଜତ ଉପରେ ନିଜେ ଆକ୍ରମଣ କରୁନାହିଁ କି ? ଅର୍ଥାତ୍ ସେହି ଗାଳି କଣ ସମାନ ଭାବରେ ଲେଉଟି ଯାଇ ତାର ନିଜର ପିତାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରୁନାହିଁ ? ଗାଳି ଖାଇଥିବା ଲୋକ ଯଦି ପ୍ରତ୍ୟୁତ୍ତରରେ ସେହିପରି ଗାଳି ଦେବ, ତା'ହେଲେ ଏହା କହିବା କ'ଣ ଯୁକ୍ତିଯୁକ୍ତ ହେବନାହିଁ ଯେ ପ୍ରକୃତରେ ସେହି ଅପନିନ୍ଦାର ବୋଝ ପ୍ରଥମେ ଗାଳି ଦେଇଥିବା ଲୋକ ହିଁ ବହନ କରିବ ? ଯଦ୍ୱାରା ତାର ପିତାମାତାଙ୍କ ସମ୍ମାନରେ ଆଞ୍ଚ ଆସିବାରେ ସେ ନିଜେ ହିଁ ଦୋଷୀ ସାବ୍ୟସ୍ତ ହେବ ।

ପରମେଶ୍ୱର ପବିତ୍ର କୁରଆନରେ ଏପରି ଶିଷ୍ଟାଚାରର ଉପାୟ ଓ ନୈତିକତାର ଜ୍ଞାନ ଶିଖାଇଛନ୍ତି, ଯେପରି କହିଛନ୍ତି:

لَا تَسُبُّوا الَّذِيْنَ يَدْعُوْنَ مِنْ دُوْنِ اللّٰهِ فَيَسُبُّوا اللّٰهَ عَدْوًا بِغَيْرِ عِلْمٍ

**ଲା' ତସୁବ୍‌ବୁଲ୍ଲଜିନା ୟଦ୍‌ଉ'ନା ମିନ୍‌ଦୁନିଲ୍ଲାହି ଫୟସବ୍‌ବୁଲ୍ଲାହା ଅଦ୍‌ୱମ୍ ବିଗୈରି ଇଲ୍‌ମିନ୍ (ଅଲ ଅନଆମ୍:୧୦୯)**

ଅର୍ଥାତ: 'ତୁମେ ମୁଶରିକ (ଅନେକେଶ୍ୱରବାଦୀ)ମାନଙ୍କ ଉପାସ୍ୟ ପ୍ରତିମାକୁ ତିରସ୍କାର କରନାହିଁ । ନଚେତ ସେମାନେ ଅଜ୍ଞତା ବଶତଃ ପୁଣି ଅଲ୍ଲାଃଙ୍କୁ ତିରସ୍କାର କରିବେ । କାରଣ ସେମାନେ ସେହି ଈଶ୍ୱରଙ୍କୁ ଜାଣନ୍ତି ନାହିଁ ।'

ଏବେ ଦେଖନ୍ତୁ, ଐଶ୍ୱରିକ ଶିକ୍ଷା ଅନୁଯାୟୀ ପ୍ରତିମାର କିଛି ହେଲେ ମହତ୍ତ୍ୱ ନାହିଁ । ଏହା ସତ୍ତ୍ୱେ ବି ଈଶ୍ୱର ମୁସଲମାନମାନଙ୍କୁ ଏହି ନୈତିକତାର ଶିକ୍ଷା ଦେଇଛନ୍ତି ଯେ ତୁମେମାନେ ପ୍ରତୀମା ରୂପୀ ଦେବାଦେବୀଙ୍କୁ ଅପମାନିତ କରିବାରୁ ନିବୃତ୍ତ ହୁଅ । ସେମାନଙ୍କ ପ୍ରତି କଟୁ ବାକ୍ୟ ପ୍ରୟୋଗ କରନାହିଁ, ବରଂ ଏହା ପରିବର୍ତ୍ତେ କୋମଳ ବାକ୍ୟ କହି ସେମାନଙ୍କୁ ବୁଝାଅ । ଏପରି ନହେଉ ଯେ ସେମାନେ କ୍ରୋଧରେ ଉତ୍ତେଜିତ ହୋଇ ଈଶ୍ୱରଙ୍କୁ ଗାଳି ଗୁଲଜ କରିବେ । ଫଳତଃ ଏହି ଗାଳିମନ୍ଦ ପାଇଁ ମୁସଲମାନମାନେ ହିଁ ଦାୟୀ ରହିବେ । ସୁତରାଂ ଏପରି ଉଚ୍ଚକୋଟିର ସହିଷ୍ଣୁତାର ଶିକ୍ଷା ଇସଲାମ ଦେଉଥିବା ବେଳେ ସେମାନଙ୍କର କ'ଣ ହୋଇଛି ଯେ ସେମାନେ ଇସଲାମର ଏପରି ଶ୍ରେଷ୍ଠ ଅବତାର ମୁହମ୍ମଦ[ସଅ]ଙ୍କ ପ୍ରତି ଅତ୍ୟନ୍ତ ଅସମ୍ମାନ ଜନକ ଅପଶବ୍ଦ ପ୍ରୟୋଗ କରୁଛନ୍ତି । ତାଙ୍କ ପବିତ୍ର ବ୍ୟକ୍ତିତ୍ୱ ଉପରେ ନିଷ୍ଠୁର ଆକ୍ରମଣ କରୁଛନ୍ତି ଓ ତାଙ୍କର ନିଷ୍ପାପ ଚରିତ୍ର ଉପରେ କଳଙ୍କର ଦାଗ ଲଗାଉଛନ୍ତି । ସେହି ଦେବୋତ୍ତମ ମହାନ ନବୀ ଯାହାଙ୍କ ନାମ ଧରିଲେ ଇସଲାମର ମହାପ୍ରତାପୀ ସମ୍ରାଟମାନେ ସିଂହାସନରୁ ଓହ୍ଲାଇ ପଡୁଥିଲେ ଓ ତାହାଙ୍କ ପ୍ରଭୁତ୍ୱ ଆଗରେ ନତ ମସ୍ତକ ହୋଇ ଛିଡ଼ା ହୋଇ ଯାଉଥିଲେ ଏବଂ ଆପଣାକୁ ତାଙ୍କର ଅକିଞ୍ଚନ ଭୃତ୍ୟ ରୂପେ ପରିଗଣିତ କରୁଥିଲେ । କ'ଣ ଏପରି ମାନ ମର୍ଯ୍ୟାଦା ଈଶ୍ୱରଙ୍କ ଆଡୁ ଅଭିପ୍ରେତ ନୁହେଁ ? ଈଶ୍ୱର ଦତ୍ତ ସମ୍ମାନରେ ବିଭୁଷିତ ସେହିପରି ମହାନ ବ୍ୟକ୍ତିତ୍ୱଙ୍କ ମୁକାବିଲାରେ ତିରସ୍କାର କରିବା ସେହି ଲୋକଙ୍କର କାର୍ଯ୍ୟ, ଯେଉଁମାନେ ଈଶ୍ୱରଙ୍କ ସହିତ ଲଢ଼େଇ କରିବାକୁ ଚାହାନ୍ତି ? ହଜରତ ମୁହମ୍ମଦ ମୁସ୍ତଫା[ସଅ] ପ୍ରଭୁ ପରମେଶ୍ୱରଙ୍କର ଶ୍ରେଷ୍ଠତମ ନବୀ ରୂପେ ମନୋନୀତ ସେହି ପବିତ୍ର ସିଦ୍ଧ ପୁରୁଷ, ଯାହାଙ୍କ ସମର୍ଥନ ଓ ସମ୍ମାନକୁ ପ୍ରକାଶ କରିବା ପାଇଁ ଈଶ୍ୱର ଦୁନିଆରେ ଅନେକ ଅଲୌକିକ ନିଦର୍ଶନ ଦେଖାଇଲେ । କ'ଣ ଏହା ସେହି ସର୍ବଶକ୍ତିମାନ ପ୍ରଭୁଙ୍କ ହାତର ମହିମା ନୁହେଁ, ଯିଏ ୨୦୦ କୋଟି ଲୋକଙ୍କର ମସ୍ତକକୁ ହଜରତ ମୁହମ୍ମଦ[ସଅ]ଙ୍କ ସମ୍ମୁଖରେ ଝୁକାଇ ଦେଲେ ? ଯଦିବା ପ୍ରତ୍ୟେକ

ନବୀ ନିଜ ଅବତାରତ୍ୱର ସତ୍ୟତାକୁ ଦର୍ଶାଇବା ପାଇଁ ଅନେକ ଏୖଶି ପ୍ରମାଣ ଉପସ୍ଥାପନ କରିଛନ୍ତି, କିନ୍ତୁ ହଜରତ ମୁହମ୍ମଦ[ସଅ]ଙ୍କ ସମର୍ଥନରେ ଯେପରି ଉତ୍କୃଷ୍ଟ ଓ ଚମ୍ତ୍କାର ନିର୍ଦଶନମାନ ପ୍ରକଟିତ କରିଛନ୍ତି, ତାହା ଅତୁଳନୀୟ । ଯେପରି ତାହା ଅତୀତରେ ଦେଖା ଯାଇଥିଲା, ଏବେ ମଧ୍ୟ ଦୃଷ୍ଟିଗୋଚର ହେଉଛି ।

କିନ୍ତୁ ହାୟ, ଏହି ସରଳ ତର୍କକୁ ସେମାନେ ବୁଝି ପାରନ୍ତେ କି! ଯେତେବେଳେ ପୃଥିବୀ ପାପରେ ଜର୍ଜରିତ ହୋଇ ଉଠେ ଓ ଅଶିଷ୍ଟତା ସର୍ବତ୍ର କାୟା ବିସ୍ତାର କରେ ତଥା ସତକର୍ମ ତୁଳନାରେ ଦୁରାଚ୍ରର ଓ ଅଭଦ୍ର ଆଚରଣ ବହୁ ଅଧିକ ମାତ୍ରାରେ ବୃଦ୍ଧି ପାଏ, ସେତେବେଳେ ଈଶ୍ୱରଙ୍କ କରୁଣା ଓ ଦୟା ପୃଥିବୀ ପୃଷ୍ଠରୁ ଏସବୁକୁ ପ୍ରଶମିତ କରିବା ପାଇଁ ଉଦବେଳିତ ହୋଇ ଉଠେ । ଯଦ୍ୱାରା ତାଙ୍କର କୌଣସି ପ୍ରିୟ ସିଦ୍ଧ ପୁରୁଷଙ୍କୁ ପଠାଇ ପୃଥିବୀରେ ବ୍ୟାପିଥିବା ବିଶୃଙ୍ଖଳା ଓ ଅଧର୍ମର କରାଳ ରାକ୍ଷସ କବଳରୁ ନିଜ ଭକ୍ତଗଣଙ୍କୁ ଉଦ୍ଧାର କରି ପାରିବେ । ଫଳ ସ୍ୱରୂପ ମନୁଷ୍ୟ ସମାଜର ସୁଧାର ହୋଇପାରିବ । ଠିକ ଯେପରି ବ୍ୟାଧିଗ୍ରସ୍ତକୁ ମୁକ୍ତି ଦେବା ପାଇଁ ଜଣେ ଆରୋଗ୍ୟ ପ୍ରଦାନକାରୀଙ୍କ ଆବଶ୍ୟକ ପଡ଼େ । ଆପଣମାନେ ବିଶେଷତଃ ଅନ୍ୟମାନଙ୍କ ଠାରୁ ଅଧିକ ଭଲ ଭାବରେ ଏହି ବିଷୟକୁ ବୁଝିବାର ସାମର୍ଥ୍ୟ ରଖିଛନ୍ତି । କାରଣ ଆପଣମାନଙ୍କ କହିବା ଅନୁସାରେ ବେଦ ଏପରି ସମୟରେ ଆସିନାହିଁ, ଯେତେବେଳେ ପୃଥିବୀ ପାପର ସମୁଦ୍ରରେ ଉବୁଟୁବୁ ହେଉଥିଲା । ବରଂ ଏହା ପରିବର୍ତ୍ତେ ବେଦବାଣୀ ଏପରି ସମୟରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହେଲା, ଯେତେବେଳେ ଉଭୟ ଜଳ ଓ ସ୍ଥଳ ଶାନ୍ତ ପରିବେଶରେ ପାପଶୂନ୍ୟ ଲହଡ଼ି ସଦୃଶ ସାଗରର ବେଳାଭୂମିରେ ମଥା ପିଟୁଥିଲା । ତେବେ କ'ଣ ଏହା ଆପଣମାନଙ୍କ ଦୃଷ୍ଟିରେ ଏକ ଚିନ୍ତାକଳ୍ପ ବିଚ୍ରର ଠାରୁ ବହୁ ଦୂରରେ ରହିଥିବ ଯେ କୌଣସି ଅବତାରଙ୍କ ଆବିର୍ଭାବ ଏପରି ସମୟରେ ହେବ, ଯେତେବେଳେ ପାପର ବନ୍ୟା ପ୍ରଚଣ୍ଡ ବେଗରେ ପୃଥିବୀରେ ପ୍ରତ୍ୟେକ ଦେଶକୁ ଜଳ ପ୍ଲାବିତ କରିଦେବ ।

ଯେଉଁ ଇତିହାସ ଆପଣଙ୍କ ଅଗୋଚରରେ ରହିନାହିଁ, ସେପରି ଆଶା ମୁଁ ଆପଣଙ୍କ ଠାରୁ ରଖିନାହିଁ ଯେ ସେହି ବିଷୟ ଆପଣ ଜାଣି ନାହାନ୍ତି । ସେହି ଅତୀତକୁ ଆପଣମାନେ ମନେ ପକାନ୍ତୁ, ଯେତେବେଳେ ଆମ ରସୁଲ ହଜରତ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ତାଙ୍କ ଆଗମନ ଦ୍ୱାରା ଅବତାରତ୍ୱ ବିଧି ବ୍ୟବସ୍ଥାକୁ ମହିମାନ୍ୱୀତ କଲେ । ସେ ସମୟ ଏପରି ଏକ ଅନ୍ଧକାର ଯୁଗ ରୂପେ ପ୍ରତୀୟମାନ

ହେଉଥିଲା ଏବଂ ଦୁନିଆର ଏପରି କୌଣସି ଭାଗ ନଥିଲା, ଯେଉଁଠାରେ ମନୁଷ୍ୟର ପଶୁତ୍ୱ ପ୍ରବୃତ୍ତି ତଥା ଅନ୍ଧ ବିଶ୍ୱାସ ବିରାଜୁ ନଥିଲା । ସୁତରାଂ ପଣ୍ଡିତ ଦୟାନନ୍ଦ ସରସ୍ୱତୀ ନିଜ ପୁସ୍ତକ 'ସତ୍ୟାର୍ଥ ପ୍ରକାଶ'ରେ ଏହାର ଉଲ୍ଲେଖ କରିଛନ୍ତି ଯେ ତତ୍କାଳୀନ ସମାଜରେ ଏହି ଦେଶ ଆର୍ଯ୍ୟାବର୍ତ୍ତରେ ମଧ୍ୟ ମୂର୍ତ୍ତୀ ପୂଜା ଈଶ୍ୱର ଉପାସନାର ସ୍ଥାନ ନେଇଥିଲା ଓ ବୈଦିକ ଧର୍ମ ବହୁ ମାତ୍ରାରେ ବିଗିଡ଼ି ଯାଇଥିଲା ।

ସେହିପରି ଖ୍ରୀଷ୍ଟଧର୍ମର ଦୃଢ଼ ଆସ୍ଥାବାଦୀ ଜଣେ ଶ୍ୱେତକାୟ ୟୁରୋପୀୟ ପାଦ୍ରୀ ଫଂଣ୍ଡଲ (Pfander) ସ୍ୱଚରିତ ପୁସ୍ତକ 'ମିଜାନୁଲ୍ ହକ୍'ରେ ଅନୁରୂପ ମତପୋଷଣ କରିଛନ୍ତି । ସେ ନିଜର ଅନୁଭୂତି ପ୍ରକାଶ କରି ଲେଖିଛନ୍ତି ଯେ ହଜରତ ମୁହମ୍ମଦ[ସଅ]ଙ୍କ ଆବିର୍ଭାବ ସମୟରେ ଖ୍ରୀଷ୍ଟଧର୍ମ ହିଁ ଅନ୍ୟ ସବୁ ଧର୍ମ ମଧ୍ୟରେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ଥିଲା । ସେମାନଙ୍କ କୁତ୍ସିତ କାର୍ଯ୍ୟକଳାପ ଖ୍ରୀଷ୍ଟଧର୍ମର ନଗ୍ନତା ଓ ଲଜ୍ୟାହୀନତାର କାରଣକୁ ଦର୍ଶାଉଥିଲା । ସ୍ୱୟଂ ପବିତ୍ର କୁରଆନ୍ ମଧ୍ୟ ଧରାପୃଷ୍ଠରେ ଅବତୀର୍ଣ୍ଣ ହେବାର ଆବଶ୍ୟକତାକୁ ଏହି ପଙ୍କ୍ତିରେ କହିଛି:

ظَهَرَ الْفَسَادُ فِي الْبَرِّ وَالْبَحْرِ

**'ଜହରହ୍ ଫସାଦୋ ଫିଲ୍ ବର୍‌ରେ ଓ୍ୱଲ୍ ବହରେ'**

ଅର୍ଥାତ 'ଜଙ୍ଗଲ ବି ବିଗଡ଼ି ଗଲା ଓ ସମୁଦ୍ର ମଧ୍ୟ ବିଗିଡ଼ି ଗଲା ।'

**(ଅଲ୍ ରୁମ : ୪୨)**

ଏହି ପଙ୍କ୍ତିର ଅର୍ଥ ହେଉଛି: କୌଣସି ଜାତି ତାହା ପଶୁତ୍ୱର ଅବସ୍ଥାରେ ହେଉ ଅବା ବୁଦ୍ଧିମାନର ସ୍ଥିତିରେ ରହିଥିବାର ଦାବି କରୁଥାଉ, କେହିହେଲେ ବି ବିଶୃଙ୍ଖଳାରୁ ବର୍ତ୍ତି ଯାଇ ନ ଥିଲା ।

ଏହି ସମସ୍ତ ପ୍ରମାଣରୁ ଏହା ସାବ୍ୟସ୍ତ ହେଉଛି, ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ଆବିର୍ଭାବ ସମୟରେ ସେହି ସମସ୍ତ ଜାତି ଓ ଦେଶ, ତାହା ପ୍ରାଚ୍ୟର ଅଧିବାସୀ ହୁଅନ୍ତୁ କି ପାଶ୍ଚାତ୍ୟର, ତାହା ଆର୍ଯ୍ୟବର୍ତ୍ତରେ ବାସ କରୁଥିବା ଲୋକ ହୁଅନ୍ତୁ ଅବା ଆରବର ମରୁଭୂମିର ବାସିନ୍ଦା କିମ୍ବା ଦ୍ୱୀପର ଅଧିବାସୀ, ସମଗ୍ର ଜନସମାଜର ନୈତିକ ଅଧଃପତନ ଘଟିଥିଲା । ଏପରି ଜଣେ କେହି ମନୁଷ୍ୟ ନଥିଲା, ଯାହାର ଈଶ୍ୱରଙ୍କ ସହିତ ସଂପର୍କ ସ୍ୱଚ୍ଛ ଓ ବିଶୁଦ୍ଧ ହୋଇଥିବାର ସେ ପ୍ରମାଣ ଦେଖାଇ ପାରିବ । ସେମାନଙ୍କ ଅସତ୍କର୍ମ ପୃଥିବୀକୁ ଅପବିତ୍ର ଓ କଳୁଷିତ କରି ଦେଇଥିଲା । ଏପରି ସ୍ଥଳେ ଜଣେ ବୁଦ୍ଧିମାନ ବ୍ୟକ୍ତି କଣ ଏତିକି ବୁଝିପାରୁ ନାହିଁ

ଯେ ସେହି ସମୟ ଓ ସେହି ଯୁଗ ଜଣେ ବିଶିଷ୍ଟ ଓ ଶ୍ରେଷ୍ଠ ଯୁଗାବତାରଙ୍କ ଆବିର୍ଭାବ ହେବା ପାଇଁ ଉପଯୁକ୍ତ ଓ ଯଥୋଚିତ ବିବେଚିତ ହୋଇପାରିବ ।

ଏଠାରେ ପ୍ରଶ୍ନ ହେଉଛି ଯେ ସେହି ନବୀ ଦୁନିଆକୁ ଆସି କ'ଣ ସୁଧାର କଲେ । ଜଣେ ମୁସଲମାନ ଏହାର ଉତ୍ତରରେ ଅବଶ୍ୟ କହିପାରେ ଯେ ହଜରତ ମୁହମ୍ମଦ[ସଅ] ସାଂସାରିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଯେପରି ମହାନ ସଂସ୍କାର ଆଣିଥିଲେ, ତାହାର ଏପରି ଦୃଢ଼ ଓ ସ୍ପଷ୍ଟ ଉତ୍ତର କୌଣସି ଖ୍ରୀଷ୍ଟିୟାନ କିମ୍ବା ଇହୁଦୀ ଅଥବା ଜଣେ ଆର୍ଯ୍ୟ ଧର୍ମୀ ଦେଇ ପାରିବ ନାହିଁ ।

ହଜରତ ମୁହମ୍ମଦ[ସଅ]ଙ୍କ ପ୍ରଥମ ଆଭିମୁଖ୍ୟ ଥିଲା ଆରବର ସଂସ୍କାର । ସେ ଯୁଗରେ ଆରବ ଉପଦ୍ୱୀପର ଅବସ୍ଥା ଏପରି ଥିଲା ଯେ ସେଠାକାର ଅଧିବାସୀଙ୍କୁ ମନୁଷ୍ୟ ପଦବାଚ୍ୟ ବୋଲି ଗ୍ରହଣ କରିବା ଅତି କଠିନ ଥିଲା । ଏପରି କୌଣସି ମନ୍ଦକର୍ମ ନଥିଲା, ଯାହା ସେମାନେ କରୁ ନଥିଲେ । ଏପରି କୌଣସି ପ୍ରତୀମା ପୂଜାର ବିଧି ନଥିଲା, ଯାହା ସେଠାରେ ପ୍ରଚଳିତ ନଥିଲା । ଚୋରୀ କରିବା, ଡକାୟତି କରିବା ସେମାନଙ୍କର ଚିରାଚରିତ ପେଷା ଥିଲା । ଅକାରଣରେ କାହାକୁ ହତ୍ୟା କରିଦେବା ସେମାନଙ୍କ ଦୃଷ୍ଟିରେ ଏକ ତୁଚ୍ଛ ପିମ୍ପୁଡ଼ିକୁ ପାଦ ତଳେ ଦଳିଦେବା ସହିତ ସମାନ ଥିଲା । ନିରୀହ ଓ ଅନାଥ ଶିଶୁଙ୍କୁ ହତ୍ୟା କରିବା ଓ ସେମାନଙ୍କର ଧନକୁ ଛଡ଼ାଇ ନେଇ ଆତ୍ମସାତ କରିବା ସେମାନଙ୍କର ନିତିଦିନିଆ ଅଭ୍ୟାସ ଥିଲା । ସେମାନେ କନ୍ୟା ସନ୍ତାନମାନଙ୍କୁ ଜୀବନ୍ତ ପୋତି ଦେଉଥିଲେ । ଅବିବାହିତ ପୁରୁଷ ଓ ସ୍ତ୍ରୀମାନେ ଅନୈତିକ ଯୌନାଚରରେ ଲିପ୍ତ ରହୁଥିଲେ ଏବଂ ଏସବୁ କୁତ୍ସିତ କର୍ମକୁ ନିଜ ଗୀତି କବିତା ମାଧ୍ୟମରେ ସଗର୍ବେ ଘୋଷଣା କରୁଥିଲେ । ପ୍ରବଳ ମାତ୍ରାରେ ମଦ୍ୟପାନ କରି ନିଶାସକ୍ତ ହୋଇ ବୁଲିବା ସେହି ଜାତିର ପରିଚୟ ଥିଲା । କୌଣସି ଏପରି ଘର ନଥିଲା, ଯହିଁରେ ମଦର ଆସର ଜମୁ ନଥିଲା । ଜୁଆ ଖେଳରେ ସେମାନେ ପୃଥିବୀର ସବୁ ଦେଶ ଠାରୁ ଆଗୁଆ ଥିଲେ । ସେମାନଙ୍କର ପାଶବିକ ପ୍ରବୃତ୍ତିକୁ ଦେଖିଲେ ପଶୁମାନେ ମଧ୍ୟ ଲଜ୍ୟା ଅନୁଭବ କରୁଥିଲେ । ସେମାନଙ୍କ ହିଂସ୍ରକ ସ୍ୱଭାବ ସାପ ଓ ଗଧିଆ ଠାରୁ ମଧ୍ୟ ଅଧିକ ମାରାତ୍ମକ ଥିଲା, ଯାହା ସେମାନଙ୍କ ନଗ୍ନତାକୁ ଦର୍ଶାଉଥିଲା ।

ପୁଣି ଯେତେବେଳେ ଆମ ପ୍ରିୟ ନବୀ ମୁହମ୍ମଦ[ସଅ] ସେମାନଙ୍କ ଚରିତ୍ରିକ ଓ ନୈତିକ ସଂସ୍କାର ପାଇଁ ଅଣ୍ଟା ଭିଡ଼ିଲେ ଓ ଯେଉଁ କ୍ଷଣି ନିଜର ସମସ୍ତ ଆଧ୍ୟାତ୍ମିକ ରୁଚି ଦେଖାଇ ସେମାନଙ୍କ ହୃଦୟକୁ ନିର୍ମଳ ଓ ଶୁଦ୍ଧପୁତ କରିବା ଦିଗରେ ଅଧିକ ଧ୍ୟାନ

ଦେବାକୁ ଲାଗିଲେ, ସେତେବେଳେ ହେଲା କ'ଣ? ସ୍ୱଳ୍ପ ସମୟ ମଧ୍ୟରେ ସେମାନଙ୍କ ଜୀବନରେ ଏପରି ବିରାଟ ପରିବର୍ତ୍ତନ ଦେଖାଗଲା ଯେ ସେମାନେ ପଶୁରୁ ମନୁଷ୍ୟ ପାଲଟି ଗଲେ । ପୁଣି ସାଧାରଣ ମନୁଷ୍ୟରୁ ସୁସଭ୍ୟ ମାନବରେ ପରିଣତ ହୋଇଗଲେ । କାଳକ୍ରମେ ସେମାନେ ଧର୍ମାତ୍ମା ପୁରୁଷରୁ ଉନ୍ନୀତ ହୋଇ ଦେବ ପ୍ରତୀମ ପୁରୁଷ ହୋଇଗଲେ । ପୁଣି ଯେଉଁମାନେ ଶେଷରେ ନୈସର୍ଗୀକ ପ୍ରେମରେ ବିଲୀନ ହୋଇ ଈଶ୍ୱରୀୟ ସତ୍ତାରେ ଏକାକାର ହୋଇ ଯାଇଥିଲେ । କେବଳ ସେହି ପ୍ରେମ ହିଁ ସକଳ ଦୁଃଖ ଯନ୍ତ୍ରଣାକୁ ଏକ ଅଚଳ ମେରୁ ପରି ସହ୍ୟ କରିଯିବାର ଅଦମ୍ୟ ଶକ୍ତି ଯୋଗାଇଥିଲା ସେମାନଙ୍କୁ । ନାନା ପ୍ରକାର ନିର୍ଯ୍ୟାତନାର ଶୀକାର ହେଲେ ସେମାନେ । ଶତ୍ରୁର କୋରଡ଼ାରେ ନିର୍ମମ ପ୍ରହାର କରାଗଲା ଓ ଉତ୍ତପ୍ତ ବାଲିରେ ଶୁଆଇ ଦିଆଗଲା । ବନ୍ଦୀ କରି ରଖାଗଲା ଓ ଭୋକ ଉପାସରେ ରଖି ମରିବା ଅବସ୍ଥାରେ ଛାଡ଼ି ଦିଆଗଲା ସେମାନଙ୍କୁ । ମାତ୍ର ସେମାନେ ପ୍ରତ୍ୟେକ ବିପତ୍ତିର ସମ୍ମୁଖୀନ ହୋଇ ମଧ୍ୟ କେବେ ଧୈର୍ଯ୍ୟହରା ହୋଇ ନଥିଲେ । ବରଂ ସତ୍ୟ ପଥରେ ଆଗକୁ ପାଦ ବଢ଼ାଇ ଚାଲିଲେ । ସେମାନଙ୍କ ମଧ୍ୟରେ ଅନେକ ଏପରି ଥିଲେ, ଯେଉଁମାନଙ୍କ ଆଖି ଆଗରେ ଶିଶୁମାନଙ୍କୁ ହତ୍ୟା କରା ଯାଉଥିଲା । ଆହୁରି ଅନେକ ଏପରି ଥିଲେ, ଯେଉଁମାନଙ୍କୁ ସେମାନଙ୍କ ସନ୍ତାନମାନଙ୍କ ସମ୍ମୁଖରେ ଶୂଳିରେ ଚଢ଼ାଇ ଦିଆଯାଉଥିଲା । ଯେଉଁ ଆତ୍ମୋତ୍ସର୍ଗ ଓ ପ୍ରଗାଢ଼ ଭକ୍ତି ସହିତ ସେମାନେ ଈଶ୍ୱରଙ୍କ ମାର୍ଗରେ ପ୍ରାଣବଳୀ ଦେଲେ, ତାହା ଭାବିଲେ ଆଖିରେ ଲୁହ ଆସିଯାଏ, ହୃଦୟ ବିଷାଦରେ ଭରିଯାଏ । ତେଣୁ ଯଦି ଆମେ କହିବା ଯେ ସେମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରଭୁତ୍ୱ ଅଙ୍କିତ ହୋଇ ନଥିଲା ଓ ତାହାଙ୍କ ପ୍ରେରିତ ଅବତାରଙ୍କ ଆଧ୍ୟାତ୍ମିକ ଆକର୍ଷଣର ପ୍ରଭାବ ତାଙ୍କ ମନ ମସ୍ତିଷ୍କ ଉପରେ କାୟା ବିସ୍ତାର କରି ନଥିଲା, ତା'ହେଲେ ଅନ୍ୟ କେଉଁ ବିଷୟ ସେମାନଙ୍କୁ ଇସଲାମ ପ୍ରତି ଆକୃଷ୍ଟ କଲା ? କେଉଁ ଯାଦୁକରୀ କାଉଁରୀ ସ୍ପର୍ଶ ସେମାନଙ୍କ ମନକୁ ପରିବର୍ତ୍ତନ କରି ଦେଲା ଓ ତାଙ୍କ ଶ୍ରୀଛାମୁରେ ମସ୍ତକ ଅବନତ କରିବାକୁ ବାଧ୍ୟ କଲା ? ସେହି ବ୍ୟକ୍ତିଙ୍କ ସମକ୍ଷରେ ଯିଏ ଅତୀତରେ ଦିନେ ଅତ୍ୟନ୍ତ ଅସହାୟ, ଶକ୍ତିହୀନ, ନିରୁପାୟ ତଥା ନିଃସଙ୍ଗ ହୋଇ ରହିଥିବା ଅବସ୍ଥାରେ ମକ୍କାର ଗଳିକନ୍ଦିରେ ବୁଲୁଥିଲା ? ତେଣୁ ତାହା ଅବଶ୍ୟ ଏକ ଆଧ୍ୟାତ୍ମିକ ଶକ୍ତି ହୋଇଥିବ, ଯାହା ସେମାନଙ୍କୁ ପାତାଳର ଅତଳସ୍ପର୍ଶୀ ଗହ୍ୱରରୁ ଉଠାଇ ନେଇ ଉଜ୍ଜ୍ୱଳ ଆକାଶର ନକ୍ଷତ୍ର କରି ସ୍ୱର୍ଗ ରାଇଜରେ ପହଞ୍ଚାଇ ଦେଲା । ପରମେଶ୍ୱରଙ୍କ ଅଦୃଶ୍ୟ ହାତ

ସ୍ୱୟଂ ତାଙ୍କୁ ତୋଳି ଧରିଲେ ଓ ତାଙ୍କର ପରମ ସଖା ହୋଇଗଲେ । ଈଶ୍ୱରଙ୍କ ଲୀଳା ଅତି ଅଦ୍ଭୁତ । ସେମାନେ ଦିନେ ଅମାନ୍ୟକାରୀ ଥିବା ସମୟରେ ହଜରତ ମୁହମ୍ମଦ[ସଅ] ଙ୍କର ରକ୍ତ ପିପାସୁ ଶତ୍ରୁ ସାଜିଥିଲେ । ସୁତରାଂ ମୁଁ ତ ଏହି ପରିବର୍ତ୍ତନକୁ ଏକ ଅଲୌକିକ ମହିମାରୁ କମ ବୋଲି ଭାବୁନାହିଁ । ଏହି କାରଣରୁ ଯେହେତୁ ଜଣେ ଦରିଦ୍ର, ଅସହାୟ, ଅଜ୍ଞାତ, ଅଖ୍ୟାତ ଓ ଏକାକୀ ବ୍ୟକ୍ତି ସେମାନଙ୍କ ହୃଦୟରୁ ସମସ୍ତ ଆବିଳତା କାଢି ଦେଲେ ଓ ସେମାନଙ୍କ ପାପ ଜର୍ଜରିତ କଳୁଷିତ ଆତ୍ମାକୁ ସ୍ୱର୍ଗୀୟ ଅନୁକମ୍ପା ଦ୍ୱାରା ପବିତ୍ର କରିଦେଲେ ଓ ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ଏପରି ଶକ୍ତ ମଧୁଫାଶ ଦ୍ୱାରା ଆଲିଙ୍ଗନ କଲେ ଯେ ସେମାନେ ନିଜର ରାଜକୀୟ ପରିଧାନ ବର୍ଜନ କରି ଈଶ୍ୱରଙ୍କ ସାନିଧ୍ୟ ପ୍ରାପ୍ତି ସକାଶେ ଜୀର୍ଣ୍ଣ ଶିର୍ଣ୍ଣ ଅଖା ବସ୍ତ୍ରକୁ ନିଜର ପୋଷାକ କରି ପିନ୍ଧିଲେ, ଯାହା ପାଇଁ ସେମାନେ ବିନମ୍ର ସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିନେଲେ ।

ଅନେକ ଅବୁଝା ଲୋକ ଇସଲାମ ଉପରେ ଜିହାଦ୍‌ର ଆରୋପ ଲଗାଇ କହୁଛନ୍ତି ଯେ ଏହି ଧର୍ମ ତରବାରୀ ବଳରେ ବ୍ୟାପିଛି ଏବଂ ସେମାନଙ୍କର ଧର୍ମ ପରିବର୍ତ୍ତନ କରାଯାଇ ଥିବାର ସେମାନେ ଅଭିଯୋଗ କରୁଛନ୍ତି । ଏପରିକି ବଳ ପ୍ରୟୋଗ ପୂର୍ବକ । କିନ୍ତୁ ହାୟ ! ଏହା କେତେ ଦୁଃଖର ବିଷୟ ଯେ ସେମାନେ ଅନ୍ୟାୟ ଉପାୟରେ ସତ୍ୟକୁ ଲୁଚାଇବାର ସମସ୍ତ ସୀମା ଅତିକ୍ରମ କରି ଯାଇଛନ୍ତି । ଏହା କି ବିଡ଼ମ୍ବନା ସତେ ! ସେମାନଙ୍କର କ'ଣ ହୋଇଛି ଯେ ସେମାନେ ନିଜ ଜିଦଖୋର ମନୋବୃତ୍ତି ନେଇ କିପରି ସତ୍ୟରୁ ବିମୁଖ ହୋଇଛନ୍ତି ? ଆମ ପ୍ରିୟ ନବୀ ତ ଆରବ ଦେଶର ସମ୍ରାଟ ରୂପେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ଆବିର୍ଭୁତ ହୋଇ ନଥିଲେ । ଯାହା ଫଳରେ ଏହା ଅନୁମାନ ଲଗା ଯାଇପାରନ୍ତା ଯେ ତାଙ୍କର ସାର୍ବଭୌମ ଶକ୍ତି ଓ ରାଜକୀୟ ପ୍ରତିପତ୍ତି ଯୋଗୁଁ ଲୋକମାନେ ପ୍ରାଣ ବିକଳରେ ଆସି ମୁହମ୍ମଦ[ସଅ] ଙ୍କ ପତାକା ତଳେ ଆଶ୍ରୟ ନେଇଥିଲେ ।

ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ ମହାଭାଗ ସ୍ୱୟଂ ଦାରିଦ୍ର୍ୟର କଷାଘାତ ମଧ୍ୟରେ ରହି ଅସହାୟ ଓ ବେଦନାସିକ୍ତ ନିଃସଙ୍ଗ ଜୀବନ କାଳାତିପାତ କରୁଥିବା ଅବସ୍ଥାରେ ଈଶ୍ୱରଙ୍କ ଏକତ୍ୱର ପରିଭାଷାକୁ ଦୃଢ଼ କଣ୍ଠରେ ପ୍ରକାଶ କଲେ । ତାଙ୍କୁ ଈଶ୍ୱର ପଠାଇଥିବାର ସତ୍ୟତା ପ୍ରତିପାଦିତ ହୋଇଥିବା ଯୋଗୁଁ ଯେତେବେଳେ ନିଜ ଅବତାରତ୍ୱର ଘୋଷଣା ଆରମ୍ଭ କରିଦେଲେ, ସେତେବେଳେ କେଉଁ ତରବାରୀ ଭୟରେ ଲୋକମାନେ ତାଙ୍କ ପ୍ରତି ବିଶ୍ୱାସ ସ୍ଥାପନ କଲେ ? ପୁଣି ଯଦିବା

ସେମାନେ ବିଶ୍ୱାସ ଆଣି ନଥିଲେ, ତା'ହେଲେ କ'ଣ ବଳ ପ୍ରୟୋଗ କରିବା ପାଇଁ କୌଣସି ଶାସନାଧୀଶ ରାଜାଙ୍କ ଠାରୁ ସୈନ୍ୟସାମନ୍ତ ମଗା ଯାଇଥିଲା ? କୌଣସି ବ୍ୟକ୍ତିର ଇଚ୍ଛା ବିରୁଦ୍ଧରେ ଜୋର ଜବରଦସ୍ତି ଧର୍ମକୁ ଲଦି ଦେବା ପାଇଁ କାହାଠାରୁ କୌଣସି ସାହାଯ୍ୟ ଲୋଡା ଯାଇଥିଲା କି ? ହେ ସତ୍ୟାନ୍ୱେଷୀ ବଂଧୁଗଣ ! ଏହା ସବୁ କେବଳ ସେମାନଙ୍କ କପୋଳ କଳ୍ପିତ ମନଗଢା ପ୍ରଚାର ବ୍ୟତୀତ ଅନ୍ୟ କିଛି ନୁହେଁ । ସେହି ଲୋକମାନେ ହିଁ ଇସଲାମର ପରମ ଶତ୍ରୁ ଥିଲେ । ଏହା ନିଶ୍ଚିତ କଥା ବୋଲି ତୁମେ ବୁଝିନିଅ । ଭଲ ଭାବରେ ଟିକିଏ ଦୃଷ୍ଟି ପକାଅ ଯେ ମୁହମ୍ମଦ[ସଅ] ସେହି ଅନାଥ ଶିଶୁଟିଏ ଥିଲା, ଯାହାର ଜନ୍ମ ହେବାର କିଛି ଦିନ ପରେ ବାପା ମରିଗଲେ । ମାତାଶ୍ରୀ ସେହି ଶିଶୁକୁ ଜନ୍ମ ଦେଇ ଅଳ୍ପ କେତେ ମାସ ଯାଇଛି କି ନାହିଁ, ତାକୁ ଦୁନିଆରେ ଏକାକୀ ଛାଡ଼ି ଦେଇ ଆର ପାରିକୁ ଚାଲିଗଲେ । ମାତ୍ର ସେହି କୋଳାଗ୍ରତ ଶିଶୁକୁ ସ୍ୱୟଂ ଈଶ୍ୱରଙ୍କ ଅଦୃଶ୍ୟ ହାତ ସମ୍ଭାଳି ନେଲା । ବିନା କୌଣସି ସାହାରା ଓ ଆଶ୍ରା ଭରସାରେ ଈଶ୍ୱରଙ୍କ ଶରଣରେ ରହି ସେ ପ୍ରତିପାଳିତ ହେଲେ । ଏପରି କଷ୍ଟକର ଦିନମାନଙ୍କରେ ସେହି ବାପ ମାଆ ଛେଉଣ୍ଡ ବାଳୁତ ପୁତ୍ରଟି କେତେକ ଲୋକଙ୍କ ଛେଳି ଚରାଉଥିଲେ । ତେଣୁ ଦେଖିବାକୁ ଗଲେ ସ୍ୱୟଂ ପରମେଶ୍ୱର ହିଁ ଏକମାତ୍ର ସହାୟ ଓ ପ୍ରତିପାଳକ ହୋଇ ଛିଡ଼ା ହେଲେ । ଯେତେବେଳେ ସେ କିଶୋରାବସ୍ଥାରୁ ପଚିଶ ବର୍ଷର ନବଯୌବନ ପ୍ରାପ୍ତ ଯୁବ ବୟସରେ ପଦାର୍ପଣ କଲେ, ତଥାପି ତାଙ୍କର କୌଣସି ପିତୃବ୍ୟ ତାଙ୍କୁ ନିଜ କନ୍ୟା ଦାନ କଲେ ନାହିଁ କି ବିବାହ ପାଇଁ କୌଣସି କନ୍ୟା ପାତ୍ରଟିଏ ମଧ୍ୟ ଯୋଗାଡ଼ କଲେ ନାହିଁ । କାରଣ ସେହି କକାମାନଙ୍କ ମନରେ ଏହି ଆଶଙ୍କା ରହିଥିଲା ଯେ କାଳେ ସେ ବିବାହ ପରେ ଘରର ସମସ୍ତ ଖର୍ଚ୍ଚ ତୁଲାଇ ପାରିବ କି ନାହିଁ ଓ ନିଜ ଘର ଚଳାଇବାରେ ସମର୍ଥ ହୋଇପାରିବ କି ନାହିଁ । ପୁଣି ସେ ପୂର୍ଣ୍ଣତଃ ଅଶିକ୍ଷିତ ମଧ୍ୟ ଥିଲେ । କୌଣସି ରୋଜଗାରର ପନ୍ଥା ତାଙ୍କୁ ଜଣା ନଥିଲା କି ସେ କୌଣସି ଉଦ୍ୟୋଗ ବା ବ୍ୟବସାୟ କରିବାର ଜ୍ଞାନ ରଖି ନଥିଲେ । ପୁଣି ଯେତେବେଳେ ମହାଭାଗ ଚାଳିଶ ବର୍ଷ ବୟସକୁ ପହଞ୍ଚିଗଲେ, ସେତେବେଳେ ତାଙ୍କ ହୃଦୟ ଏକାଥରକେ ପରମେଶ୍ୱରଙ୍କ ଆଡ଼କୁ ଆକର୍ଷିତ ହୋଇଗଲା । ହିରା ନାମକ ଏକ ଗୁମ୍ଫା ଯାହା ମକ୍କାଠାରୁ ଅନତି ଦୂରରେ ରହିଥିଲା, ମହାଭାଗ ଏକାକୀ ସେଠାକୁ ଯାଉଥିଲେ ଓ ଗୁମ୍ଫା ଭିତରେ ଲୁଚି ଛପି ନିଜ ପରମାତ୍ମାଙ୍କୁ ସ୍ମରଣ କରୁଥିଲେ । ଦିନେ ସେହି ଗୁମ୍ଫାରେ ମହାଭାଗ ଗୋପନରେ ଈଶ୍ୱରଙ୍କ ସଶ୍ରଦ୍ଧ ଆରାଧନା

କରୁଥିବା ସମୟରେ ହଠାତ ଈଶ୍ୱର ତାଙ୍କ ଉପରେ ପ୍ରକଟ ହେଲେ । ତାଙ୍କ ପ୍ରତି ଦୈବି ଆଜ୍ଞା ହେଲା ଯେ ସଂସାର ଈଶ୍ୱରଙ୍କ ମାର୍ଗରୁ ବିଚ୍ୟୁତ ହୋଇଯାଇଛି ଓ ପୃଥିବୀ ପାପରେ ଭରି ଯାଇ ପ୍ରଦୁଷିତ ହୋଇଯାଇଛି । ଏବେ ତୁମେ ଲୋକମାନଙ୍କୁ ସାବଧାନ କରାଇଦିଅ ଯେ ସେମାନେ ଦୈବି ଶାସ୍ତି ଆସିବା ପୂର୍ବରୁ ପ୍ରଭୁଙ୍କ ଆଡ଼କୁ ମନୋଯୋଗୀ ହୁଅନ୍ତୁ । କିନ୍ତୁ ଏହି ଆଦେଶ ତାଙ୍କ ମନରେ ଭୀତି ସଂଚର କଲା ଯେ ମୁଁ ତ ଜଣେ ଉମ୍ମି (ଅର୍ଥାତ ନିରକ୍ଷର) ବ୍ୟକ୍ତି । ତେଣୁ ମହାଭାଗ ପ୍ରାର୍ଥନା କଲେ ଯେ 'ମୁଁ ତ ପଢ଼ି ଜାଣି ନାହିଁ ।' ତହୁଁ ଈଶ୍ୱର ତାଙ୍କ ହୃଦୟରେ ସମସ୍ତ ପ୍ରକାର ଆଧ୍ୟାତ୍ମ୍ୟ ଜ୍ଞାନ ଭରି ଦେଲେ ଓ ତାଙ୍କୁ ସ୍ୱର୍ଗୀୟ ଜ୍ୟୋତିରେ ଉଦ୍‌ଭାସିତ କଲେ । ମହାଭାଗଙ୍କ ଆଧ୍ୟାତ୍ମିକ ଶକ୍ତିର ପ୍ରଭାବ ଯୋଗୁଁ ଦୀନହୀନ ଲୋକମାନେ ତାହାଙ୍କ ଆଜ୍ଞା ପାଳନର ପରିସର ମଧ୍ୟକୁ ଆସିବା ଆରମ୍ଭ କଲେ । କିନ୍ତୁ ସମାଜର ବଡ଼ ବଡ଼ ପ୍ରତିପତ୍ତିଶାଳୀ ବ୍ୟକ୍ତି ତାହାଙ୍କ ଶତ୍ରୁତା କରିବା ପାଇଁ ଅଣ୍ଟା ଭିଡ଼ିଲେ । ଏପରିକି ଶେଷରେ ତାଙ୍କୁ ଜୀବନରୁ ମାରି ଦେବା ପାଇଁ ଯୋଜନା କଲେ । ଅନେକ ପୁରୁଷ ଓ ମହିଳାମାନଙ୍କୁ ନିର୍ମମ ଭାବରେ ହତ୍ୟା କରାଗଲା । ପୁଣି ଅନ୍ତିମ ପର୍ଯ୍ୟାୟରେ ହଜରତ ମୁହମ୍ମଦ[ସଅ] ନିର୍ବାସନରେ ଜୀବନ ବିତାଉଥିବା ବେଳେ ତାଙ୍କ ବାସଗୃହକୁ ଚାରିପଟରୁ ଘେରାଉ କଲେ । କିନ୍ତୁ ଯାହାଙ୍କୁ ଈଶ୍ୱର ରକ୍ଷା କରିବେ, ତାକୁ କିଏ ବା ମାରି ପାରିବ ? ସୁତରାଂ ପ୍ରଭୁ ନିଜର ଐଶିବାଣୀ ମାଧ୍ୟମରେ ଏହା ସୂଚୀତ କଲେ 'ଆପଣ ଏହି ସହରରୁ ବାହାରି ଅନ୍ୟତ୍ର ଚାଲି ଯାଆନ୍ତୁ । ପ୍ରତି ପଦକ୍ଷେପରେ ମୁଁ ତୁମ୍ଭର ସହାୟତା କରିବି ।'

ସୁତରାଂ ମହାଭାଗ ଅବୁବକରଙ୍କୁ ସଙ୍ଗରେ ଘେନି ମକ୍କା ସହରରୁ ବାହାରି ଚାଲି ଗଲେ ଓ ତିନି ରାତି ପର୍ଯ୍ୟନ୍ତ 'ଶୋର' ନାମକ ଗୁମ୍ଫାରେ ଲୁଚି ରହିଲେ । ଶତ୍ରୁମାନେ ତାଙ୍କର ପଶ୍ଚାତଧାବନ କଲେ ଓ ଜଣେ ଠାବକାରୀକୁ ନେଇ ଗୁମ୍ଫା ନିକଟରେ ପହଞ୍ଚିଗଲେ । ସେହି ବ୍ୟକ୍ତି ଗୁମ୍ଫା ପର୍ଯ୍ୟନ୍ତ ପଦଚିହ୍ନ ପଡ଼ିଥିବାର ଠଉରାଇ ନେଲା ଓ କହିଲା 'ତୁମେମାନେ ଏହି ଗୁମ୍ଫା ମଧ୍ୟରେ ତାଙ୍କର ସନ୍ଧାନ କର । କାରଣ ଏହା ଆଗକୁ କୌଣସି ପଦଚିହ୍ନ ନାହିଁ । ଯଦି ଏଠାରୁ ପୁଣି ଆଗକୁ ସେ ଯାଇଥିବ, ତେବେ ଆକାଶକୁ ହିଁ ଚଢ଼ି ଯାଇଥିବ । ଅର୍ଥାତ ପୃଥିବୀ ପୃଷ୍ଠରୁ ଅନ୍ତର୍ଦ୍ଧାନ ହୋଇ ଆକାଶ ମାର୍ଗକୁ ଆରୋହଣ କରି ଯାଇଥିବ । କିନ୍ତୁ ଈଶ୍ୱରଙ୍କ ଲୀଳା ଅପାର । ସେହି ଅଦ୍ଭୁତ ଲୀଳାକୁ କିଏ ବା ନିଜ କଳ୍ପନାରେ ବାନ୍ଧି ରଖିପାରିବ ? ଗୋଟିଏ ରାତି ମଧ୍ୟରେ ହିଁ ଈଶ୍ୱର ଏପରି ଲୀଳା ରଚନା କଲେ ଯେ

ବୁଢିଆଣୀ ନିଜ ଜାଲରେ ଗୁମ୍ଫାର ସମସ୍ତ ମୁହଁକୁ ବନ୍ଦ କରିଦେଲା । ପାରାଟିଏ ଆସି ଗୁମ୍ଫାର ଦ୍ୱାର ମୁହଁରେ ବସା ବାନ୍ଧି ତହିଁରେ ଅଣ୍ଡା ଦେଲା । ଯେତେବେଳେ ସେହି ଠାବକାରୀ ଗୁମ୍ଫା ଭିତରକୁ ଯିବା ପାଇଁ ସେମାନଙ୍କୁ ପ୍ରରୋଚିତ କଲା, ଜଣେ ବୃଦ୍ଧ ବ୍ୟକ୍ତି କହିଲା, 'ଏହି ଠାବକାରୀ ତ ପାଗଳ ହୋଇଲାଣି, ମୁଁ ତ ଏହି ବୁଢିଆଣୀ ଜାଲକୁ ମୁହମ୍ମଦ[ସଅ]ଙ୍କ ଜନ୍ମ  ହେବା ପୂର୍ବରୁ ଗୁମ୍ଫାର ଏହି ଦ୍ୱାର ମୁହଁରେ ରହିଥିବାର ଦେଖି ଆସୁଛି ।' ଏହି କଥା ଶୁଣି ସମସ୍ତେ ଇତସ୍ତତଃ ହୋଇ ଚାଲିଗଲେ ଓ ଗୁମ୍ଫା ଭିତରେ ଅନୁସନ୍ଧାନ କରିବା ବିଚାର ମନରୁ ଦୂର କରିଦେଲେ ।

ଏହାପରେ ହଜରତ ମୁହମ୍ମଦ[ସଅ] ଅତି ସନ୍ତର୍ପଣରେ ଓ ଗୋପନରେ ମଦିନାରେ ଯାଇ ପହଞ୍ଚିଲେ । ମଦିନାର ଅଧିକାଂଶ ବ୍ୟକ୍ତି ତାହାଙ୍କ ମାନ୍ୟତା ସ୍ୱୀକାର କଲେ । ଏହା ଦେଖି ମକ୍କାବାସୀଙ୍କ କ୍ରୋଧ ଅଧିକ ତ୍ରୀବ ହୋଇଗଲା । ସେଥିପାଇଁ ସେମାନେ କ୍ଷୋଭ ପ୍ରକାଶ କଲେ ଯେ ଆମ ଶୀକାର ତ ଆମ ହାତରୁ ଖସି ଚାଲିଗଲା, ଏବେ ପୁଣି କରିବା କଣ ? ସେମାନଙ୍କ ନୈରାଶ୍ୟର ଛାୟା ଖେଳିଗଲା । ତେଣୁ ହତୋତ୍ସାହିତ ହୋଇ ଦିବାନିଶି ଅହରହ ସେମାନେ ନାନା ପ୍ରକାର ଯୋଜନା କରିବାକୁ ଲାଗିଲେ ଯେ କିପରି ହଜରତ ମୁହମ୍ମଦ[ସଅ]ଙ୍କୁ କୌଣସି ଉପାୟରେ ବଧ କରାଯିବ । ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିଥିବା ମକ୍କାର ସଂଖ୍ୟାନ୍ୟୁନ ଜନସମୂହ ମଧ୍ୟ ନିଜ ଜନ୍ମଭୂମି ଛାଡ଼ି ଅନ୍ୟ ଦେଶମାନଙ୍କୁ ହିଜରତ (ଦେଶାନ୍ତର ଗମନ) କରି ଚାଲିଗଲେ । ସେମାନଙ୍କ ମଧ୍ୟରୁ କେତେକ ହବଶାର ସମ୍ରାଟଙ୍କ ଶରଣ ପଶିଲେ ଓ ଆବିସିନିଆ ଦେଶରେ ଯାଇ ଆଶ୍ରୟ ନେଲେ । ଅନ୍ୟ କେତେକ ଦୀକ୍ଷାଧାରୀ ମୁସଲମାନ ଅନ୍ୟତ୍ର ଯାତ୍ରା କରିବା ପାଇଁ ସମ୍ବଳର ଅଭାବ ଯୋଗୁଁ ମକ୍କାରେ ହିଁ ରହିଗଲେ, କିନ୍ତୁ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଗଲା । ସେମାନଙ୍କ ସମ୍ବନ୍ଧରେ ପବିତ୍ର କୁରଆନରେ ବର୍ଣ୍ଣିତ ଅଛି ଯେ ସେମାନେ କାହିଁକି ଅହର୍ନିଶି ପ୍ରଭୁଙ୍କ ଠାରେ ନିଜର ଗୁହାରୀ ଜଣାଉଥିଲେ ।

ପୁନଶ୍ଚ ଯେତେବେଳେ ମକ୍କାର ଅମାନ୍ୟକାରୀ କୋରୈଶ ଜାତି ଅତ୍ୟାଚାରର ସମସ୍ତ ସୀମା ଅତିକ୍ରମ କଲେ ଓ ସେମାନେ ଗରୀବ ମହିଳା ଓ ଅନାଥ ପିଲାମାନଙ୍କୁ ହତ୍ୟା କରିବା ଆରମ୍ଭ କରିଦେଲେ । ପୁଣି କେତେକ ସ୍ତ୍ରୀଲୋକଙ୍କୁ ଏପରି ନିର୍ଦ୍ଦୟ ହୋଇ ମାରିଲେ ଯେ ସେମାନଙ୍କ ଦୁଇ ଗୋଡ଼କୁ ଦୁଇଟି ରଶିରେ ବାନ୍ଧି ଦୁଇ ଓଟ ସହିତ ଜଡ଼ାଇ ଦେଲେ ଓ ପୁଣି ସେହି ଓଟମାନଙ୍କୁ ବିପରୀତ ଦିଗରେ ଦୌଡ଼ାଇଲେ । ଫଳରେ ସେହି ସ୍ତ୍ରୀଲୋକ ଦୁଇ ଫାଳ ଚିରି ହୋଇ ମରିଗଲେ ।

ଯେବେ ସେହି ନିଷ୍ଠୁର ପାପିଷ୍ଠମାନଙ୍କ ଅତ୍ୟାଚାର ମାତ୍ରାଧିକ ଭାବେ ବୃଦ୍ଧି ପାଇଲା, ସେହି ଈଶ୍ୱର ଯିଏ ଅନ୍ତତଃ ପକ୍ଷେ ନିଜ ଭକ୍ତମାନଙ୍କ ପ୍ରତି ଦୟା କରିଥାନ୍ତି, ଆପଣା ରସୁଲଙ୍କ ଉପରେ ଏହି ଦିବ୍ୟବାଣୀ ପ୍ରକଟ କଲେ ଯେ ଅନ୍ୟାୟ ଅତ୍ୟାଚାର ଭୋଗ କରୁଥିବା ପୀଡ଼ିତମାନଙ୍କ ପ୍ରାର୍ଥନା ଏବେ ମୋ ଛାମୁରେ ପହଞ୍ଚି ଯାଇଛି । ଆଜି ମୁଁ ଆଜ୍ଞା ଦେଉଛି ତୁମେମାନେ ମଧ୍ୟ ସେମାନଙ୍କ ମୁକାବିଲା କର ଓ ଏହା ମନେ ରଖ ଯେ ଯେଉଁମାନେ ନିର୍ଦ୍ଦୋଷ ଲୋକମାନଙ୍କ ଉପରେ ତରବାରୀ ଉଠାନ୍ତି, ସେ ସେହି ତରବାରୀ ଦ୍ୱାରା ନିହତ ହେବେ । କିନ୍ତୁ ତୁମେମାନେ କୌଣସି ପ୍ରକାର ଅତ୍ୟାଚାର କର ନାହିଁ । କାରଣ ଈଶ୍ୱର କଦାପି ଅତ୍ୟାଚାରୀମାନଙ୍କ ମିତ୍ର ନୁହନ୍ତି ।

ଏହା ହିଁ ଇସଲାମୀ ଜିହାଦର ବାସ୍ତବିକତା । ଏହା ହେଉଛି ଧର୍ମ ଯୁଦ୍ଧର ସାରମର୍ମ । ଯେଉଁ ତତ୍ତ୍ୱକୁ ଅତ୍ୟନ୍ତ ନିର୍ଦ୍ଦୟତା ପୂର୍ବକ ବିକୃତ କରି ବର୍ଣ୍ଣନା କରାଯାଇଛି । ପ୍ରଭୁ ତ ନିଶ୍ଚିତ ରୂପେ ସହନଶୀଳତାର ପ୍ରତୀକ । କିନ୍ତୁ ଯେତେବେଳେ କୋଣସି ଜାତିର ବିଶୃଙ୍ଖଳିତ ଆଚରଣ ଓ ଦୁଷ୍କାମି ସମସ୍ତ ସୀମା ଲଂଘନ କରିଯାଏ, ସେତେବେଳେ ଈଶ୍ୱର ସେହି ଅତ୍ୟାଚାରୀଙ୍କୁ କଠୋର ଶାସ୍ତି ନଦେଇ ଛାଡ଼ନ୍ତି ନାହିଁ । ବରଂ ସେମାନଙ୍କ ପାଇଁ ସର୍ବନାଶର ଦ୍ୱାର ଖୋଲି ଦିଅନ୍ତି । ମୁଁ ଜାଣେନାହିଁ ଯେ ଆମ ବିରୋଧି ପ୍ରତିପକ୍ଷ କେଉଁଠାରୁ ଓ କାହାଠାରୁ ଶୁଣି ନେଇଛନ୍ତି ଯେ ଇସଲାମ ତରବାରୀ ବଳରେ ବ୍ୟାପିଛି । ଈଶ୍ୱର ତ ପବିତ୍ର କୁରଆନରେ କହିଛନ୍ତି ।

لَآ اِكْرَاهَ فِى الدِّيْنِ

**'ଲା ଇକ୍‌ରାହା ଫିଦ୍‌ଦୀନ୍'**

ଅର୍ଥାତ 'ଇସଲାମ ଧର୍ମରେ କୌଣସି ବାଧ୍ୟବାଧକତା ନାହିଁ'

**(ଅଲ୍ ବକରା: ୨୫)**

ତା'ହେଲେ ପୁଣି କିଏ ଜୋର ଜବରଦସ୍ତିର ଆଦେଶ ଦେଉଛି ଓ ସେହି ବଳ ପ୍ରୟୋଗ କରିବା ପାଇଁ କେଉଁ ସବୁ ସାଧନ ରହିଥିଲା । କ'ଣ ସେହି ଲୋକ ଯେଉଁମାନଙ୍କୁ ଜୋର ଜବରଦସ୍ତି ମୁସଲମାନ କରାଯାଉଥିଲା, ସେମାନଙ୍କର ଏହି ସତ୍ ବିଶ୍ୱାସ ରହିବ ଯେ କୌଣସି ବେତନ ପାଇବା ବିନା ମାତ୍ର ତିନି ଚାରିଶହ ସଂଖ୍ୟକ ଲୋକ ହୋଇଥିଲେ ସୁଦ୍ଧା ସେମାନେ ହଜାର ହଜାର ଶତ୍ରୁ ସେନାଙ୍କ ମୁକାବିଲା କରିପାରିବେ ? ପୁଣି ପରବର୍ତ୍ତୀ ସମୟରେ ସେମାନେ ଯେବେ ହଜାର ସଂଖ୍ୟାରେ ପହଞ୍ଚି ଯିବେ, ସେତେବେଳେ ଏହା କିପରି ସମ୍ଭବ ହେବ ଯେ

ସେମାନେ ଲକ୍ଷ ଲକ୍ଷ ସଂଖ୍ୟକ ଶତ୍ରୁମାନଙ୍କୁ ପରାଜିତ କରିଦେବେ ? ଅଧିକନ୍ତୁ ଶତ୍ରୁ ଆକ୍ରମଣରୁ ନିଜ ଧର୍ମକୁ ରକ୍ଷା କରିବା ପାଇଁ ଛେଳି ମେଣ୍ଢା ପରି ମୁଣ୍ଡ କାଟ କରାଇ ନିଜକୁ ବଳି ପକାଇବେ ? ପୁଣି ସେମାନେ ଇସଲାମର ସତ୍ୟତାକୁ ପ୍ରତିପାଦନ କରିବା ସକାଶେ ନିଜ ରକ୍ତ ଦ୍ୱାରା ମୋହର ଲଗାଇ ଏକ ଅମିଟ୍ୟ ସ୍ୱାକ୍ଷର ବହନ କରିବେ । ଏକେଶ୍ୱରବାଦ ପ୍ରସାରଣ ପ୍ରତି ଏପରି ପ୍ରେମାସକ୍ତ ହେବେ ଓ ସନ୍ୟାସୀ ରୂପ ଧାରଣ କରି ଯାବତୀୟ ଦୁଃଖ ଯାତନା ସ୍ୱୀକାର ପୂର୍ବକ ଆଫ୍ରିକାର ମରୁସ୍ଥଳରେ ପହଞ୍ଚିବେ ଓ ଇସଲାମର ମଧୁମୟ ବାର୍ତ୍ତାକୁ ଏପରି ବ୍ୟାପକ ଭାବରେ ପ୍ରଚାର କରିବେ, ଯଦ୍ୱାରା ସେହି ଦେଶମାନଙ୍କରେ ଏହାର ଶାଶ୍ୱତ ଶିକ୍ଷା ପୂର୍ଣ୍ଣ ଗାରିମା ସହକାରେ ଫଳପ୍ରସୁ ହେବ । କେବଳ ସେତିକି ନୁହେଁ, ପୁଣି ପ୍ରତ୍ୟେକ ପ୍ରକାର କଷ୍ଟ ଉଠାଇ ସେମାନେ ଚୀନ ପର୍ଯ୍ୟନ୍ତ ପହଞ୍ଚି ଯିବେ । ଯୁଦ୍ଧର ସୈନିକ ଭାବରେ ନୁହେଁ, ବରଂ ଏକ ବିନମ୍ର ସାଧୁ ରୂପରେ । ଯଦ୍ୱାରା କୋଟି କୋଟି ଚୀନବାସୀଙ୍କୁ ଇସଲାମ ଆଡ଼କୁ ନିମନ୍ତ୍ରଣ କରି କଲ୍ୟାଣକାରୀ ଉପଦେଶ ମାଧମରେ ସ୍ୱଚ୍ଛ ମୁସଲମାନ ସୃଷ୍ଟି କରିବାରେ ସଫଳତା ଅର୍ଜନ କରିବେ । ସେହିପରି ଖଦଡ଼ ବସ୍ତ୍ର ପରିହିତ ମୁସଲିମ ସନ୍ଥ ଭାରତବର୍ଷରେ ମଧ ପ୍ରବେଶ କରନ୍ତୁ ଓ ଆର୍ଯ୍ୟାବର୍ତ୍ତର ବୃହତ ଭାଗକୁ ଇସଲାମର ଶାନ୍ତି ସୁଧା ପିଆଇ ଏହି ମଧୁମନ୍ତ୍ର ଦ୍ୱରା ଦୀକ୍ଷିତ କରାନ୍ତୁ । ଏପରିକି ସେମାନେ ୟୁରୋପର ସୀମାନ୍ତରେ ମଧ ଇସଲାମ ମୂଳମନ୍ତ୍ରର ଏହି ସ୍ୱରକୁ ପହଞ୍ଚାଇ ଦିଅନ୍ତୁ ।

لَا إِلٰهَ إِلَّا اللّٰهُ

**ଲା ଇଲହା ଇଲ୍ଲଲ୍ଲାହୁ**

ଅର୍ଥାତ 'ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ ।'

ଏବେ ଆପଣମାନେ ସ୍ୱଚ୍ଛ ମନରେ ବିଶ୍ୱାସ ରଖି କହନ୍ତୁ । କଣ ଏହା ସେହି ଲୋକମାନଙ୍କ କାର୍ଯ୍ୟ ଯେଉଁମାନଙ୍କୁ ବଳ ପୂର୍ବକ ମୁସଲମାନ କରାଯାଇଛି । ଆଉ ଯେଉଁମାନଙ୍କ ହୃଦୟ ବିଧର୍ମୀ (କାଫିର୍) ଓ ମୁଖ ବିଶ୍ୱାସକାରୀ (ମୋମିନ) ହୋଇଥାଏ ।

ନାଁ କଦାପି ନୁହେଁ । ବରଂ ଏହା ସେହି ଲୋକମାନଙ୍କ କାର୍ଯ୍ୟ, ଯେଉଁମାନଙ୍କ ହୃଦୟ ବିଶ୍ୱାସର ଜ୍ୟୋତିରେ ପରିପୂର୍ଣ୍ଣ ଓ ଯାହାଙ୍କ ଅନ୍ତରରେ କେବଳ ପ୍ରଭୁ ହିଁ ପ୍ରଭୁ ବିରାଜମାନ ହୋଇଥାନ୍ତି ।

ଏବେ ଆସନ୍ତୁ, ଆମେ ନିଜର ଧ୍ୟାନ ଇସଲାମର ବାସ୍ତବ ଶିକ୍ଷା ଆଡ଼କୁ ଫେରାଇ ଆଣିବା । ଏଠାରେ ଏକଥା ସ୍ପଷ୍ଟ ହୋଇଯାଉ ଯେ ଇସଲାମ ଧର୍ମର ଶ୍ରେଷ୍ଠ ଆଭିମୁଖ୍ୟ ହେଉଛି ଏକେଶ୍ୱରବାଦ ଓ ଏହାର ତେଜସ୍ୱୀ ପ୍ରକାଶ କିପରି ପୃଥିବୀ ପୃଷ୍ଠରେ ସ୍ଥାପିତ ହେବ । ଅନେକେଶ୍ୱର ମତକୁ ପୂର୍ଣ୍ଣତଃ ସମାପ୍ତ କରି ସମାଜରୁ ବିଭିନ୍ନ ବର୍ଗର ଲୋକମାନଙ୍କୁ କଲିମା ମୂଳମନ୍ତ୍ର ଉପରେ ଦୃଢ଼ିଦୂତ କରିବା ଓ ସକଳ ଧାର୍ମିକ ଗୋଷ୍ଠୀକୁ ଗୋଟିଏ ଜାତି ଓ ବିଶ୍ୱାସ ମତରେ ପରିଣତ କରିବା ।

ଯେତେ ଧର୍ମ ଇସଲାମ ପୂର୍ବରୁ ସଂସାରକୁ ଆସିଛି ଓ ଯେତେ ସବୁ ଅବତାର ଓ ବାର୍ତ୍ତାବହମାନଙ୍କର ଆବିର୍ଭାବ ହୋଇଛି ସେମାନଙ୍କ କର୍ମକ୍ଷେତ୍ର ନିଜ ଦେଶ ଓ ଜାତିରେ ସୁଧାର ଆଣିବାରେ ସୀମିତ ଥିଲା । ସେମାନେ ଯେତେ ଯାହାବି ନୈତିକ ଉନ୍ନତି ପାଇଁ କାର୍ଯ୍ୟ କରିଛନ୍ତି, ତାହା କେବଳ ସେମାନଙ୍କ ନିଜ ଲୋକଙ୍କ ହିତସାଧନ ସକାଶେ ଉଦ୍ଦିଷ୍ଟ ଥିଲା । ସୁତରାଂ ଏହି କାରଣରୁ କୌଣସି ଦ୍ୱିଧା ପ୍ରକାଶ ନକରି ଯୀଶୁଖ୍ରୀଷ୍ଟ ସ୍ପଷ୍ଟ ଶବ୍ଦରେ ସ୍ୱୀକାର କରିଥିଲେ ଯେ ମୋର ଶିକ୍ଷା କେବଳ ଇସ୍ରାଇଲ ଜାତି ପର୍ଯ୍ୟନ୍ତ ସୀମାବଦ୍ଧ । କଥିତ ଅଛି ଯେତେବେଳେ ଜଣେ ସ୍ତ୍ରୀଲୋକ ଇସ୍ରାଇଲ ବଂଶଜ ନଥିଲେ ଓ ସେ ବିନମ୍ରତା ପୂର୍ବକ ଯୀଶୁ ମସିହଙ୍କ ଠାରୁ ସତଶିକ୍ଷା ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କଲେ, ସେ ତା'ର ଅଳିକୁ ଅଗ୍ରାହ୍ୟ କରିଦେଲେ । ଏପରିକି ସେହି ନିର୍ଧନ ନାରୀ ଜଣକ ନିଜକୁ ଏକ ମାଈ କୁକୁର ସହିତ ସମାନ କରି ପୁଣି ଥରେ ଅତି କାକୁତି ମିନତି ହୋଇ ତାଙ୍କ ଠାରୁ ଉପଦେଶ ଭିକ୍ଷା କଲେ । ସେ ପୁନର୍ବାର ସ୍ତ୍ରୀଲୋକଟିର ଆତୁର ନିବେଦନକୁ ପ୍ରତ୍ୟାଖ୍ୟାନ କରି ସେହି ଏକା ଶବ୍ଦରେ କହିଲେ ଯେ ସେ କେବଳ ଇସ୍ରାଇଲୀୟ ମେଷମାନଙ୍କ ପଥ ପ୍ରଦର୍ଶକ ହୋଇ ଆସିଛନ୍ତି । ଶେଷରେ ଏହା ଶୁଣି ସ୍ତ୍ରୀ ଜଣକ ନୀରବ ରହିଲେ । ମାତ୍ର ଆମ ପ୍ରିୟ ନବୀ ମୁହମ୍ମଦ[ସଅ] କେଉଁଠାରେ ଏହା କହି ନାହାନ୍ତି ଯେ ମୁଁ କେବଳ ଆରବ ଜାତି ସକାଶେ ପ୍ରେରିତ ହୋଇଛି । ଏହା ପରିବର୍ତ୍ତେ ପବିତ୍ର କୁରଆନ ତାଙ୍କୁ ଏକ ସାର୍ବଜନୀନ ଘୋଷଣା କରିବା ପାଇଁ ଏହି ଆଦେଶ ଦିଏ:

قُلْ يَاأَيُّهَا النَّاسُ إِنِّي رَسُولُ اللهِ إِلَيْكُمْ جَمِيعًا

**'କୁଲ୍ ୟା ଅୟୋହନ୍‌ନାସୁ ଇନ୍‌ନୀ ରସୁଲୁଲ୍ଲାହି ଇଲୈକୁ ଜମିଆ'**

ଅର୍ଥାତ (ହେ ମୁହମ୍ମଦ) ତୁମେ ଲୋକମାନଙ୍କୁ କହିଦିଅ ଯେ ମୁଁ ସମଗ୍ର ସଂସାର ନିମନ୍ତେ ପ୍ରେରିତ ହୋଇଛି । **(ଅଲ ଆରାଫ: 159)**

କିନ୍ତୁ ଏହା ସ୍ମରଣ ରହୁ ଯେ ହଜରତ ଇସା[ଅସ] (ଯୀଶୁ ମସିହ) ସେହି ସ୍ତ୍ରୀ ଲୋକକୁ ଏପରି ସ୍ପଷ୍ଟ ଉତ୍ତର ଦେବାରେ ତାଙ୍କର କିଛି ହେଲେ ଦୋଷ ନଥିଲା । ବରଂ ସାଧାରଣ ନୀତିଶିକ୍ଷା ଦେବାର ଏବେ ସମୟ ଆସି ନଥିଲା । ହଜରତ ଇସା ମସିହ[ଅସ] ଙ୍କୁ ଈଶ୍ୱରଙ୍କ ଆଦେଶ ରହିଥିଲା ଯେ ତୁମେ ବିଶେଷ ରୂପେ ଇସ୍ରାଇଲ ବଂଶଧରଙ୍କ ସକାଶେ ପ୍ରେରିତ ହୋଇଛ । ଅନ୍ୟ କେଉଁ ଜାତି ସହିତ ତୁମର କୌଣସି ସମ୍ବନ୍ଧ ନାହିଁ । ସୁତରାଂ ଯେପରି ମୁଁ ଏବେ ବର୍ଣ୍ଣନା କଲି, ଯୀଶୁଙ୍କର ଶିଷ୍ଟାଚାରର ଭିତ୍ତିକ ଶିକ୍ଷା ମଧ୍ୟ କେବଳ ଇହୁଦି ଜାତି ପର୍ଯ୍ୟନ୍ତ ସୀମିତ ଥିଲା । କଥା ହେଉଛି ଯେ ତୋରାହ ଧର୍ମଗ୍ରନ୍ଥରେ ଏହି ଆଦେଶ ରହିଥିଲା ଯେ ଦାନ୍ତ ବଦଳରେ ଦାନ୍ତ, ଆଖି ବଦଳରେ ଆଖି ଓ ନାକ ବଦଳରେ ନାକ । ଏହି ଶିକ୍ଷା କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ଯଦ୍ୱାରା ଇହୁଦିମାନଙ୍କ ମଧ୍ୟରେ ନ୍ୟାୟ ପ୍ରତିଷ୍ଠା ହୋଇପାରିବ ତଥା ହିଂସା ଓ ଅତ୍ୟାଚାର କରିବାରୁ ସେମାନଙ୍କୁ ରୋକା ଯାଇପାରିବ । କାରଣ ସେମାନେ ଯେହେତୁ ଚାରି ଶହ ବର୍ଷ ପର୍ଯ୍ୟନ୍ତ ଦାସତ୍ୱର ତାଡ଼ନାରେ କାଳାତିପାତ କରିଥିଲେ । ସେମାନଙ୍କ ମଧ୍ୟରେ ଅତ୍ୟାଚାର ଓ ହୀନ ମନ୍ୟତାର ଅଭ୍ୟାସ ଅତି ମାତ୍ରାରେ ଉତ୍ପନ୍ନ ହୋଇ ଯାଇଥିଲା । ତେଣୁ ଈଶ୍ୱର ବିଜ୍ଞତାର ପରିଚୟ ଦେଇ ଏହି ଇଚ୍ଛା ପ୍ରକଟ କଲେ ଯେ ଯେହେତୁ ସେମାନଙ୍କ ସ୍ୱଭାବରେ ନିଷ୍ଠୁର ପଣିଆ ରହିଥିଲା ତଥା ପ୍ରତିଶୋଧ ନେବାରେ ସେମାନେ କଠୋର ପନ୍ଥା ଅବଲମ୍ବନ କରୁଥିଲେ, ଏହି ରୁକ୍ଷ ଆଚରଣ ସେମାନଙ୍କ ଠାରୁ ଦୂର କରିବା ପାଇଁ ଏକ କଠୋରତା ପୂର୍ବକ  ଶିଷ୍ଟାଚାରର ଶିକ୍ଷା ପ୍ରଣୟନ କରାଯାଉ । ତେଣୁ ନିଷ୍ଠୁରତାକୁ ପ୍ରତିହତ କରିବା ପାଇଁ ବାଇବେଲର ନୂତନ ସମାଚାରରେ ପ୍ରେମ ଓ କ୍ଷମାର ଶିକ୍ଷା ପ୍ରତି ସେହି ମାତ୍ରାରେ ଗୁରୁତ୍ୱ ଦିଆଯାଇଛି । ସୁତରାଂ ଏହି ଶିକ୍ଷା ବିଶେଷତଃ ଇହୁଦୀମାନଙ୍କ ପାଇଁ ପ୍ରଯୁଜ୍ୟ, ସମଗ୍ର ପୃଥିବୀବାସୀଙ୍କ ପାଇଁ ନୁହେଁ । ଯେହେତୁ ପୃଥିବୀର ଅନ୍ୟ ଲୋକଙ୍କ ସହିତ ଯୀଶୁଖ୍ରୀଷ୍ଟଙ୍କ କୌଣସି ସଂପୃକ୍ତି ନାହିଁ ।

କିନ୍ତୁ ଅସଲ କଥା ହେଉଛି, ଯୀଶୁ ମସିହଙ୍କ ଦ୍ୱାରା ପ୍ରଣୀତ ଶିକ୍ଷାରେ କେବଳ ଏତିକି ଅଭାବ ଦେଖାଯାଇ ନାହିଁ ଯେ ତାହା ସଂସାର ପ୍ରତି ସାଧାରଣ ଭାବେ ସହାନୁଭୂତି ଉପରେ ଆଧାରିତ ନୁହେଁ । ଏବଂ ସମଗ୍ର ମାନବଜାତିକୁ ତାହା ସମ୍ବୋଧିତ କରାଯାଇ ନାହିଁ । ବରଂ ଏହି କଥାର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି, ଯେଉଁ ପ୍ରକାରେ ତୋରାହ ପୁରାତନ ସମାଚାରରେ ଅତ୍ୟାଚାର ଓ ପ୍ରତିଶୋଧର ଚରମ ଶିକ୍ଷା ରହିଛି, ସେହି ପ୍ରକାରେ ଇଂଜିଲ ନୂତନ ସମାଚାରରେ ଅପରାଧ କ୍ଷମା

କରିବାରେ ଆଖି ବୁଜି ଦେବା ଭଳି କୋମଳ ଶିକ୍ଷା ପ୍ରତି ମାତ୍ରାଧିକ ଢଳି ରହିଛି । ମାନବୀୟ ସ୍ୱଭାବର ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଆଲୋକପାତ କରିବାରେ ଉଭୟ ଶାସ୍ତ୍ର ବିଫଳ ହୋଇଛନ୍ତି । ଏକ ପକ୍ଷେ ତୋରାହ ଗ୍ରନ୍ଥ ଗୋଟିଏ ଶାଖା ଉପରେ ପର୍ଯ୍ୟବସିତ ହୋଇ ରହିଥାଏ ତ ଅପର ପକ୍ଷେ ଇଂଜିଲ ଗ୍ରନ୍ଥ ଅନ୍ୟ ଶାଖାକୁ କେବଳ ଧାରଣ କରି ରଖିଥାଏ । ତେଣୁ ଏହି ଦୁଇଟିଯାକ ପୁସ୍ତକ ମାନବରୂପୀ ବୃକ୍ଷର ସମସ୍ତ ଶାଖା ପ୍ରଶାଖା ପ୍ରତି କୌଣସି ଧ୍ୟାନ ଦେଇ ନାହାନ୍ତି । ଉଭୟ ଶାସ୍ତ୍ର ଦୁଇଟି ଭିନ୍ନ ଶାଖା ଆବୋରି ନେଇଥିବାରୁ ନୈତିକ ଶିକ୍ଷା ମୂଳକ ସେହି ମାନବୀୟ ବୃକ୍ଷ ଅସନ୍ତୁଳନ ଅବସ୍ଥାରେ ପଡ଼ିଯାଇଛି । କାରଣ ଯେପରି ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ ଅବସରରେ ପ୍ରତିଶୋଧ ନେବା ଓ ଶାସ୍ତି ଦେବା ବୁଦ୍ଧିମତାର କାର୍ଯ୍ୟ ନୁହେଁ, ସେହିପରି ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ ଅବସରରେ କାହାର ଦୋଷତ୍ରୁଟି ପ୍ରତି ଆଖି ବୁଜିଦେବା ଓ କ୍ଷମା କରିଦେବା ମଧ୍ୟ ମାନବୀୟ ପ୍ରଶିକ୍ଷଣ ଦ୍ୱାରା ସୁଧାର ଆଣିବା ଦିଗରେ ପ୍ରତିକୂଳ ହୋଇଥାଏ ।

ଏହି ଦୃଷ୍ଟିକୋଣରୁ ପବିତ୍ର କୁରଆନ ଏହି ଦୁଇ ପ୍ରକାର ଶିକ୍ଷାକୁ ରଦ୍ଦ କରି ଏହିପରି ଯଥୋଚିତ ଶିକ୍ଷା ପ୍ରଦାନ କରିଥାଏ:

جَزٰٓؤُا سَيِّئَةٍ سَيِّئَةٌ مِّثْلُهَا فَمَنْ عَفَا وَاَصْلَحَ فَاَجْرُهٗ عَلَى اللّٰهِ

**'ଜଯା'ଉ ସୟେଅତିନ୍ ସୟେଅତୁମ୍ ମିସଲୁହା ଫମନ୍‌ଅଫା ୱ୍‌ଅସଲହା ଫ ଅଜ୍‌ରୁହୂ ଅଲଲ୍ଲାହି ।**

'ଅର୍ଥାତ 'ଅନିଷ୍ଟର ପ୍ରତି ବଦଳ, କରାଯାଇଥିବା ସେତିକି ଅନିଷ୍ଟ ସହିତ ସମାନ ହୋଇଥାଏ । ସୁତରାଂ ଯେ କେହି କ୍ଷମା କରିଦିଏ ଏହି ସର୍ତ୍ତରେ ଯେ ସେ ସୁଧାର ପ୍ରତି ଦୃଷ୍ଟି ଦେବ, ତେବେ ତାହାର ପ୍ରତିଫଳ ଅଲ୍ଲାଃଙ୍କ ଠାରେ ରହିଛି ।' **(ଅଶ୍ ଶୁରା : 41)**

ସୁତରାଂ ଅନିଷ୍ଟର ପ୍ରତି ବଦଳରେ ସେତିକି ମାତ୍ରାରେ ଅନିଷ୍ଟ ସାଧିତ ହେଉ, ଯେତିକି ପରିମାଣରେ ତାହା କରାଯାଇଥିବ । ଯେପରିକି ତୋରାହ (ପୁରାତନ ସମାଚର)ର ଶିକ୍ଷା ରହିଛି । ମାତ୍ର ଯେଉଁ ବ୍ୟକ୍ତି କ୍ଷମା ପ୍ରଦାନ କରେ ଯାହାକି ଇଂଜିଲ (ନୂତନ ସମାଚର)ର ଶିକ୍ଷା, ତେବେ ସେହି ପରିସ୍ଥିତିରେ ସେହି କ୍ଷମା ପ୍ରଶଂସନୀୟ ତଥା ଉଚିତ ହେବ । ଯଦ୍ଦ୍ୱାରା ଏହାର କୌଣସି ଉତ୍ତମ ପରିଣାମ ବାହାରିବ । ପୁଣି ଯାହାକୁ କ୍ଷମା କରାଯାଇଥିବ, ତା'ର କୌଣସି ସଂସ୍କାର ହେବାର କଳ୍ପନା, ସେହି କ୍ଷମାର କାରଣରୁ କରାଯାଇ ପାରିବ । ନତୁବା ପ୍ରଚଳିତ ନିୟମ ତ ତୋରାହରେ ପ୍ରଣୟନ କରାଯାଇଛି ।